THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା



ମନୋରଞ୍ଜନ

ଅଲ୍ଲୁଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ

ରବିବାର ମ୍ୟାଗାଜିନ୍ • ରବିବାର, ୧୨ ଜାନୁଆରୀ, ୨୦୨୫

## ବୌଦ୍ଧ ଇତିହାସର ଅନାଲୋଚିତ କୀର୍ତ୍ତି :

# ‘ପୁଷ୍ପଗିରି’



# ସ୍ୱାମୀ ବିବେକାନନ୍ଦ

୨୧

■ ମନୋଜ କୁମାର ମହାପାତ୍ର



ଏହି ନୈରାଶ୍ୟ ଭିତରେ ଧ୍ୟାନସ୍ଥ ସ୍ୱାମୀଜୀ ଦିବ୍ୟଦୃଷ୍ଟିରେ ଦେଖିଲେ ଭାରତୀୟ ଧର୍ମର ଭବିଷ୍ୟତ ଅତୀବ ସମ୍ଭାବନାପୂର୍ଣ୍ଣ। ଭାରତବର୍ଷରେ ଧର୍ମ ହିଁ ମେରୁଦଣ୍ଡ। ତାଙ୍କର ଶାନ୍ତ ସମାହିତ ହୃଦୟରେ ଏହି ବାଣୀ ଧ୍ୱନିତ ହେଲା। ଯେଉଁ ପ୍ରଗାଢ଼ ଆଧ୍ୟାତ୍ମିକ ଅନୁଭୂତି ପ୍ରଭାବରେ ଭାରତବର୍ଷ ଏକଦା ବିଭିନ୍ନ ସଂସ୍କୃତିର ଓ ବିଭିନ୍ନ ଧର୍ମର ଜନ୍ମଭୂମି ଓ ମିଳନ କ୍ଷେତ୍ରରେ ପରିଣତ ହୋଇଥିଲା - ଏକମାତ୍ର ସେହି ଅନୁଭୂତି ବଳରେ ପୁନର୍ଭ୍ୟୁତ୍ଥାନ ଓ ପୁନଃପ୍ରତିଷ୍ଠା ସମ୍ଭବପର। ଭାରତର ଦୁର୍ଗତିର କାରଣ ଏହି ଯେ ଯଥାର୍ଥ ଧର୍ମ କେବେ ବି ସାର୍ବଜନୀନ ଓ ସକ୍ରିୟଭାବେ ଏଠାରେ ଅନୁଭୂତ ହୋଇନାହିଁ। ଧର୍ମକୁ ଯଥାଯଥ ଅନୁସରଣ କରି ଓ ଜୀବନରେ ତାକୁ ରୂପାନ୍ତରିତ କରିଲେ କେଉଁ ଜାତିର କେବେବି ଅଧଃପତନ ହେବନାହିଁ। ପ୍ରତ୍ୟୁତ ଇତିହାସର ସାକ୍ଷ୍ୟ ହୋଇ ଜଣାଯାଏ, ଜାତୀୟ ଜୀବନରେ ଯେତେ ଶକ୍ତି ଆଣିବା ପାଇଁ ସମର୍ଥ ହୋଇଛି, ସକ୍ରିୟ ସତ୍ୟ-ଧର୍ମ ତା' ମଧ୍ୟରେ ଶ୍ରେଷ୍ଠତମ। ସ୍ୱାମୀଜୀଙ୍କର ଚିତ୍ତ ଭୂମିରେ ଭାସିଉଠିଲା ସମଗ୍ର ଭାରତବାସୀଙ୍କ ଉର୍ଦ୍ଧାୟନର ଉପାଦାନ ଓ କୌଶଳ। ସେ ସ୍ପଷ୍ଟଭାବେ ଦେଖିବାକୁ ପାଇଲେ ତାଙ୍କର ଗୁରୁଦତ୍ତ ଜୀବନବ୍ରତ କେଉଁ ପ୍ରକାରେ ଉଦ୍‌ଯାପିତ ହେବ।

ମାତା କନ୍ୟାକୁମାରୀଙ୍କ କରୁଣା ଝରିପଡ଼ିଲା। ବ୍ରହ୍ମମୟୀ ଜାଗ୍ରତ ହେଲେ ଅନ୍ତରରେ। ସ୍ୱାମୀଜୀ ବୁଝିଗଲେ ଶ୍ରୀ ରାମକୃଷ୍ଣଙ୍କର ଏକଦା କଥା ପ୍ରସଙ୍ଗର ବାଣୀକୁ: 'ଖାଲି ପେଟରେ ଧର୍ମ ହୁଏନା'। ସମସ୍ତଙ୍କ ପାଇଁ ମୁଠେ ଦାନା ଓ ଖଣ୍ଡେ କନା ଦରକାର। ସେଥିପାଇଁ ମଣିଷ ତିଆରି କରିବାକୁ ପଡ଼ିବ। ମଣିଷ ଭିତରେ ଲୁକ୍କାୟିତ ଦିବ୍ୟ ଚେତନାକୁ ଜଳେଇବାକୁ ପଡ଼ିବ। ମଣିଷ ଭିତରେ ଦେବତ୍ୱ ପ୍ରକାଶିତ ହେବ କେବଳ ତ୍ୟାଗ ଓ ସେବା ଦ୍ୱାରା। ଏହି ଦୁଇଟିର ଅଭାବ ହେଲେ ମଣିଷ ନିଜର ଅନ୍ତର୍ନିହିତ ଦେବତ୍ୱର ବିକାଶ କରିପାରିବ ନାହିଁ। ତେବେ ଉପଯୁକ୍ତ ଶିକ୍ଷା କେବଳ ଉଦ୍ରେକ କରିବ ମଣିଷ ଅନ୍ତରରେ ତ୍ୟାଗ ଓ ସେବା ଭାବନା। ଯେଉଁ 'ନରେନ୍ଦ୍ର ଶିକ୍ଷା ଦେବ'ର ଲିଖିତ ଆଦେଶନାମା ଶ୍ରୀ ରାମକୃଷ୍ଣଙ୍କ ଠାରୁ ପାଇଥିଲେ, ବର୍ତ୍ତମାନ ନିଃସନ୍ଦେହରେ ବୁଝିପାରିଲେ ତା'ର ମର୍ମ। 'ଶିବ ଜ୍ଞାନେ ଜୀବ ସେବା'ର ପ୍ରକୃତ ରହସ୍ୟ ସମଗ୍ର ମାନବ ନିକଟରେ ପହଞ୍ଚାଇବାକୁ ପଡ଼ିବ; ବିଶେଷତଃ, ଭାରତବାସୀଙ୍କ ନିକଟରେ। ମେଣ୍ଢାପଲରେ ସିଂହ ଶାବକକୁ ନିଜ ସ୍ୱରୂପକୁ ଚିହ୍ନାଇଲା ଭଳି ଭାରତୀୟଙ୍କୁ ଏହି ରହସ୍ୟ ବୁଝାଇବାକୁ ପଡ଼ିବ। ତେବେ ଯାଇ ସିଂହନାଦ କରି ଉଠିବ ଭାରତର ସମଗ୍ର ମାନବ ମେଣ୍ଢାପଲ ଆବରଣରୁ। ସ୍ୱାମୀଜୀ ଚକ୍ଷୁ ଖୋଲିଲେ। ମୁଖମଣ୍ଡଳରେ ଆନନ୍ଦର ଢେଉ। ହୃଦୟରେ ଅମାପ ଶକ୍ତି। ମାତା କନ୍ୟାକୁମାରୀଙ୍କୁ କୃତଜ୍ଞତା ଜଣାଇ ଓ ପ୍ରଣାମ ଜଣାଇ ବିଦାୟ ନେଲେ ଶିଳାଖଣ୍ଡରୁ।

ଭାରତ ଭୂଖଣ୍ଡରେ ପୁନଶ୍ଚ ପାଦ ଦେଲାବେଳକୁ ସ୍ୱାମୀଜୀ ପୂର୍ବଭଳି ନୈରାଶ୍ୟଜନକ ସନ୍ନ୍ୟାସୀ ନଥିଲେ। ଦୀପ୍ତିମନ୍ତ ଆଶ୍ଚର୍ଯ୍ୟ ପୁରୁଷ-ଭାରତଆତ୍ମା ବିବେକାନନ୍ଦରେ ସମ୍ପୂର୍ଣ୍ଣ ରୂପାନ୍ତରିତ। ତାଙ୍କ ଭିତରେ 'ବିଲେ'ର ଶିଶୁ ସୁଲଭତା, ଯୁବକ ନରେନ୍ଦ୍ରର ସଂଶୟାଚ୍ଛନ୍ନ ହୃଦୟ, ବିବିଦିଶାନନ୍ଦ ଓ ସଚ୍ଚିଦାନନ୍ଦ ଭାବେ ପରିବ୍ରାଜକ ଜୀବନର ଅନୁସନ୍ଧିତ୍ସୁ ମନ ବିଲୟ ହୁଏ ଚିରଦିନ ପାଇଁ। ଅନ୍ତିମକାଳରେ ଶ୍ରୀ ରାମକୃଷ୍ଣ ତାଙ୍କୁ ଯେଉଁ ସର୍ବସ୍ୱ ଶକ୍ତି ଦାନକରି ଫକିର ହୋଇଯାଇଥିଲେ, ସେହି ଶକ୍ତି ସମ୍ପୂର୍ଣ୍ଣ ଗ୍ରାସ କରିଛି ସ୍ୱାମୀ ବିବେକାନନ୍ଦଙ୍କୁ। ସେ ନିଜର ହୋଇ ଆଉ ନାହାନ୍ତି। ତାଙ୍କୁ ଅନ୍ୟ କୌଣସି ବ୍ୟକ୍ତି କସ୍ମିନକାଳେ ପ୍ରଭାବିତ କୌଣସି ଉପାୟରେ କରିପାରିବେ ନାହିଁ। ଏଠାରେ ଉଲ୍ଲେଖନୀୟ ଯେ, ପରିବ୍ରାଜକ ଜୀବନ ଭିତରେ ଗାଜିପୁରର ସିଦ୍ଧ ସନ୍ନ୍ୟାସୀ ପାଓ୍ୱାହାରୀ ବାବାଙ୍କ ଅଦ୍ଭୁତ ତ୍ୟାଗ ଦର୍ଶନକରି ସ୍ୱାମୀଜୀ ଏକଦା ହୋଇଥିଲେ ପ୍ରଭାବିତ। ସେ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରିବାକୁ ମନସ୍ଥ କଲାରୁ ଦେଖିଲେ ଶ୍ରୀ ରାମକୃଷ୍ଣଙ୍କୁ; ସ୍ୱପ୍ନରେ ଆବିର୍ଭୂତ ହୋଇ ଶ୍ରୀ ରାମକୃଷ୍ଣ ସୂଚାଇ ଦେଲେ- 'ନରେନ୍, ମୋ ବ୍ୟତୀତ ତୁ କାହାର ହୋଇପାରିବୁ ନାହିଁ। ତୋର ଚାବିକାଠି ପରା ମୋ ହାତରେ।' ଭାବ ଉନ୍ମାଦନାର ବଶବର୍ତ୍ତୀ ହୋଇ ଯାହା କରିବାକୁ ଯାଉଥିଲେ ସେଦିନ ନରେନ୍, ରହିଗଲେ ଦପ୍‌କିନା। ଅପସରିଗଲେ କ୍ଷଣିକ ଭାବ ଉନ୍ମାଦନାରୁ। ଆଜି ସେ ଖୁବ୍ ଶାନ୍ତ। ନୂଆ ରୂପ, ନୂଆ ମନ, ଶ୍ରୀ ରାମକୃଷ୍ଣଙ୍କର ବାକ୍‌ଯନ୍ତ୍ର। ପ୍ରଥମ ସାକ୍ଷାତରେ ଶ୍ରୀ ରାମକୃଷ୍ଣଙ୍କ ସମ୍ବୋଧନ 'ହେ ଭଗବାନ, ମୁଁ ତୁମକୁ ଚିହ୍ନିଛି। ତୁମେ ସେହି ପୁରାତନ ଋଷି ନର-ନାରାୟଣ ଭାବରେ ଜଗତ ଉଦ୍ଧାର ପାଇଁ ଧରାପୃଷ୍ଠରେ ଅବତୀର୍ଣ୍ଣ', ଏହାକୁ ପାଗଳର ପ୍ରଳାପ କହି ହସରେ ଉଡ଼ାଇ ଦେଇଥିଲେ: 'ମୁଁ ତ ବିଶ୍ୱନାଥ ଦତ୍ତଙ୍କ ପୁତ୍ର। ମୁଁ କିପରି ହେବି ନର-ନାରାୟଣ ?' ଆଜି ସେହି ସତ୍ୟକୁ ବେଶ୍ ଉପଲବ୍ଧି କରିପାରିଛନ୍ତି। ବାସ୍ତବିକ, ସେ ବିଶ୍ୱନାଥ ଦତ୍ତଙ୍କ ପୁତ୍ର ନୁହନ୍ତି। ସେ ହିଁ କେବଳ ଯାହାଙ୍କ ଠାରେ ଚାବିକାଠି ରହିଛି ତାଙ୍କରି ଯନ୍ତ୍ର ମାତ୍ର; ଜଗତ ଉଦ୍ଧାର ପାଇଁ ଏକ ପଥ-ସ୍ୱାମୀ ବିବେକାନନ୍ଦ ଭାରତର ଆତ୍ମା-ସ୍ୱୟଂ ଶିବଙ୍କର ମାନବ ପୂଜା। (କ୍ରମଶଃ)

ଫୋନ୍-୯୯୩୭୨୯୭୦୩୯


# ସବ୍ୟ-ଅପସବ୍ୟ

ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଉପନୟନ ଠାରୁ କାନ୍ଧରେ ବ୍ରହ୍ମସୂତ୍ର ପଇତା ଧାରଣ ବେଳୁ ତାଙ୍କର ମନ୍ତ୍ରଦାତା ପଇତାକୁ କେମିତି ପିନ୍ଧିଲେ ତାର ମହାତ୍ମ୍ୟ ହାନି ହେବନାହିଁ। ତାର ବୀର୍ଯ୍ୟଗୁଣ ଅତୁଟ ରହିବ ଏହା ବୁଝାଇ କହିଥାନ୍ତି। ସୁନା ଚେନ ବେକରେ ପକାଗଲେ ଏମିତି ଅନୁଷ୍ଠାନ କେବେ କରାଯାଏନାହିଁ। ସୂତାର ପଇତା ପକାଯିବା ବେଳେ କେତେ ପ୍ରକାର ବେଦମନ୍ତ୍ର ଜପ ବାଦ୍ୟ ଶଙ୍ଖ ଆଦି ବାଜିବା ହୋଇଥାଏ। ଏ ସୂତା ଖିଅର ମୂଲ୍ୟ ତହାଳ ଠାରୁ କାନ୍ଧରେ ବ୍ରାହ୍ମଣ ପିଲାର ମୂଲ୍ୟାୟନ ପାଇଁ ଉଦ୍ଦିଷ୍ଟ। ପଇତାକୁ ସବ୍ୟ ଓ ଅପସବ୍ୟ ଡାହାଣ କାନ୍ଧ ବାମ କାନ୍ଧରେ କେତେବବେଳେ ପକାଇବାକୁ ପଡ଼େ ଏହାକୁ ଉପନୟନ କାଳରେ ଆଚାର୍ଯ୍ୟ ଋତ୍ୱିକ ବଟୁକଙ୍କୁ ବତେଇ ଦେଇଥାନ୍ତି। ପ୍ରତ୍ୟେକ ଲୋକଙ୍କର ଉପାସନାରେ ଦ୍ୱିଧାର ରହିଛି। ଦେବ ଉପସନା ଓ ପିତୃ ଉପସନା ପିତୃ ଉପସନାରେ ଶ୍ରାଦ୍ଧ ତର୍ପଣାଦି ଜଡ଼ିତ ଏଥିରେ ପଇତା ଅପସବ୍ୟ କରିବାକୁ ପଡ଼େ। ଏମିତି ଅନେକ କ୍ଷେତ୍ର ଅଛି ସବ୍ୟ ଅପସବ୍ୟ ତତ୍ କ୍ଷେତ୍ରରେ କରାଯାଏ।

ଏଇ ପଇତା ପାଇଁ ଦିନେ କେତେକ ନୀରିହଙ୍କ ପ୍ରାଣ ଯାଇଛି। ଭାରତରେ ଯବନ ଶାସନ ଚାଲିବା ବେଳେ ଯେଉଁଠି ଏହି ବ୍ରାହ୍ମଣ ଶାସନ ସେଠାରେ ଯବନମାନେ ରକ୍ତମୁଖା ଖଣ୍ଡା ହସ୍ତରେ ଆସି ଧର୍ମାନ୍ତରୀଣ କରିଥିଲେ। ଏଇ ବ୍ରାହ୍ମର ଚିହ୍ନ ପଇତା ସବୁକୁ ଜୁଲମ କରି ବେକରୁ କାଢ଼ି ଗଦାକରି ନିଆଁରେ ପୋଡି ଦେଇଛନ୍ତି। ଆର୍ଯ୍ୟବର୍ତ୍ତର ବ୍ରାହ୍ମଣ ବହୁଳ ପ୍ରୟାଗ ଓ ବାରଣାସୀରେ ମହଣ ମହଣ ପଇତା ବ୍ରାହ୍ମଣଙ୍କୁ ଦଣ୍ଡ ଦେଇ ପୋଡ଼ାଯାଇଥିଲା। ବନାରସ ବା ବରଣାସୀରେ ଯେଉଁଠି ବ୍ରାହ୍ମଣ ବେଶୀ ଥିଲେ ସେଠାରେ ଗୋପାଳକ ମାନେ ବି ବେଶୀ ଥିଲେ। ଯବନମାନେ ଗୋ ମାଂସ ପ୍ରିୟ ଯୋଗୁ ଗୋରୁ ଲୁଣ୍ଠନ ଏମାନେ ଦଳବନ୍ଦୀ ହୋଇ ଆକସ୍ମିକ ଆସି କରୁଥିଲେ। ଫଳରେ ରୋଜୀରୁଟିର ସଞ୍ଚୟ ଯୋଗୁଁ ଗୋପାଳନ ମାନେ ପ୍ରତିରୋଧ ପ୍ରତିବାଦ କରିଛନ୍ତି। ଦେଖନ୍ତୁ ବୃନ୍ଦାବନ ମଥୁରା ଏହାର ପାଖାପାଖି ରହିଛି ଆଗ୍ରା, ଯେଉଁଠି ଥିଲା ବାବରଙ୍କ ଠାରୁ ଜାହାଙ୍ଗୀରଙ୍କ ପର୍ଯ୍ୟନ୍ତ ମୋଗଲ ମାନଙ୍କ ରାଜଧାନୀ। ଖାଦ୍ୟ ଜଳ ଦୁଇଟି ସ୍ଥାନରେ ଅଭାବ ନଥିଲା। ପୂର୍ଣ୍ଣରୂପେ ଏ ଅଞ୍ଚଳରେ ଗହମ ଧାନାଦି ଶସ୍ୟ କ୍ଷେତ୍ରକୁ ଯମୁନା ନଦୀର ଜଳ ଭୀମ ଚାଷ କ୍ଷେତ୍ର ଭଲ ଶସ୍ୟ ଆମଦାନୀର ସ୍ଥାନ। ଯହିଁରୁ ରାଜଭାଗ ସହଜରେ ହାସଲ କରି ହେଉଥିଲା। ଏହି ଅଞ୍ଚଳରେ ବହୁବର୍ଷ ଧରି ବାସ କରି ଆସୁଥିବା ଲୋକଙ୍କ ଠାରୁ ଜୁଲମ କରି ସୁନା ରୂପା ନାରୀ ଲୁଣ୍ଠନ କରିବା ସହିତ ଚାଷଜମିରୁ ରାଜକର ଆଦାୟ ସହଜରେ କରି ହେଉଥିଲା। ଅସ୍ତ୍ରବଳରେ ଅଳ୍ପ ଲୋକ ବହୁ ଲୋକଙ୍କୁ ଡରାଇ ମରାଇ ଏ ସ୍ଥାନରେ ରାଜ କରୁଥିଲେ। ଏ ସ୍ଥାନରେ ବ୍ରାହ୍ମଣ ଗୋପାଳଙ୍କ ସହିତ ଯବନ ବାହିନୀଙ୍କର ବହୁଥର ହତିଆର ମୁକାବିଲା ହୋଇଥିଲା। ମାଂସ ପାଇଁ ଭୋଜ୍ୟ ତେଲ ଆବଶ୍ୟକ, ଏପାଇଁ ତେଲି ଜାତିଙ୍କ ଉପରେ ବି ତହାଳ ଅତ୍ୟାଚାର ହୋଇଥିଲା। ଆକବର ବାଦଶା ବେଳେ ଉତ୍କଟ ହୋଇଥିଲା। ଏ ପାଇଁ ଭାମାସାହାଙ୍କ ପରି ମହାଜନ ରାଣାପ୍ରତାପଙ୍କ ପରି ରାଜପୁତ ବୀରଙ୍କୁ ସେନା ଗଢ଼ି ଯୁଦ୍ଧ ପାଇଁ ଜାଗ୍ରତ କରିଥିଲେ।


ଆର୍ଯ୍ୟବର୍ତ୍ତର ସୁନ୍ଦରୀ ଝିଅ ମାନଙ୍କୁ ଜୁଲମ କରି ପିତା ଭାଇ ସ୍ୱାମୀଙ୍କୁ ହତ୍ୟାକରି ଭୋଗ୍ୟ ପତ୍ନୀ ଉପପତ୍ନୀ ରୂପେ ବ୍ୟବହାର କରି ସନ୍ତାନ ସମ୍ଭବା କରି ବଂଶ ବିସ୍ତାର କରିଥିଲେ। ହିନ୍ଦୁ ଏକତାର ଉତ୍ସ ହେଉଛି ଦେବୀପୀଠ ଅନେକ ମନ୍ଦିର ଭାଙ୍ଗି ନଷ୍ଟ କରାଯାଇଛି ବଡ଼ ବଡ଼ ମନ୍ଦିରକୁ ଭାଙ୍ଗି ମସଜିଦ କରାଯାଇଛି। ଏ ପାଇଁ ଲୋକେ ଉପାୟ ଖୋଜି ଜଳତୀର୍ଥକୁ ପରବର୍ତ୍ତୀ କାଳରେ ଧର୍ମୀୟ କାର୍ଯ୍ୟ ପାଇଁ ଲଗାଇଛନ୍ତି। ପ୍ରୟାଗର ସଙ୍ଗମ, ରଜୁ ଫଲଗୁ ବରୁଣା , ଅସୀ ଯମୁନା ଗଙ୍ଗା ଗୋଦାବରୀ ନର୍ମଦା ଆଦି ନଦୀ ଘାଟରେ ଦେବପୂଜାର ପିଣ୍ଡ ଶ୍ରାଦ୍ଧ ସ୍ଥାନ ତୀର୍ଥସ୍ଥାନ କ୍ଷେତ୍ର ସେକାଳରୁ ପ୍ରଚଳିତ ହୋଇ ଆସୁଛି। ତଥାପି କର ମୁକ୍ତ ଏ ତୀର୍ଥସ୍ଥାନ ନଥିଲା। ପ୍ରୟାଗର ଅକ୍ଷୟବଟ ଦେଖନ୍ତୁ ଏକ ଇସଲାମିକ ଗଡ଼ ମଧ୍ୟରେ ଏବେ ବି ରହିଛି।



ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ପୁରାତନ ଭାରତଭୂଖଣ୍ଡର ଉଡ୍ଡୀୟାନ କ୍ଷେତ୍ର ଥିଲା ବୌଦ୍ଧଧର୍ମ-ସଂସ୍କୃତି ପାଇଁ ବିଶ୍ୱବିଦିତ। ଏହି ଉଡ୍ଡୀୟାନ ହେଉଛି ଆଧୁନିକ ଓଡ଼ିଶା। ବୌଦ୍ଧଧର୍ମର ବିକାଶ ଏବଂ ଏହାର ଉନ୍ମେଷରେ ପ୍ରାଚୀନ ଓଡ଼ିଶାର ଭୂମିକା ମଧ୍ୟ ଅସାଧାରଣ। ଏହା ମଧ୍ୟରେ ବୁଦ୍ଧଯୁଗୀୟ ଭାରତର ପ୍ରାଚୀନ ପ୍ରଜ୍ଞାପୀଠ ଥିଲା ପୁଷ୍ପଗିରି ବିଶ୍ୱବିଦ୍ୟାଳୟ। ଯାଜପୁର ଜିଲ୍ଲାର ଅସିହା ଗିରିମାଳା ଭିତରେ ଏହି ବିଖ୍ୟାତ ବିଶ୍ୱବିଦ୍ୟାଳୟ ନାଳନ୍ଦା ଓ ତକ୍ଷଶିଳା ଅନୁରୂପ ଥିଲା। ଏଠାରେ ଭାରତ ସମେତ ତିବ୍ବତ, ଚୀନ, ସିଂହଳ, ଜାପାନ ସମେତ ବିଭିନ୍ନ ଦେଶର ଛାତ୍ରମାନେ ଅଧ୍ୟୟନ ପାଇଁ ଆସୁଥିଲେ। ପ୍ରସିଦ୍ଧ ଚୀନ ପରିବ୍ରାଜକ ହୁଏନ୍‌ସାଂ ମଧ୍ୟ ଏହି ବିଶ୍ୱବିଦ୍ୟାଳୟରେ ପଦାର୍ପଣ କରିଥିଲେ। ଯାଜପୁର ଜିଲ୍ଲାର ଅସିହା ଗିରିମାଳାର ଉଦୟଗିରି-ରତ୍ନଗିରି-ଲାଙ୍ଗୁଡ଼ି ବୁଦ୍ଧବିହାର ମଧ୍ୟରେ ଥିବା ଏହି ପୃଥିବୀ ବିଖ୍ୟାତ ପ୍ରାଚୀନ ପ୍ରଜ୍ଞାପୀଠ ପୁଷ୍ପଗିରିକୁ ନେଇ କେନ୍ଦ୍ର ସରକାର ଏକ ବିକଶିତ ତଥା ଆଧୁନିକ ବିଶ୍ୱବିଦ୍ୟାଳୟର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିବାପାଇଁ ସବୁଜ ସଂକେତ ଦେଇଛନ୍ତି।

ଇତିମଧ୍ୟରେ ଓଡ଼ିଶାର ପ୍ରମୁଖ ବୌଦ୍ଧକୀର୍ତ୍ତି ପରିମଣ୍ଡଳ 'ହୀରକ ତ୍ରିଭୁଜ' ଅନ୍ତର୍ଗତ ଉଦୟଗିରି-ରତ୍ନଗିରି-ଲଳିତଗିରି ଠାରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ ସହିତ ପ୍ରଥମ ବୌଦ୍ଧଗୁରୁ ପଦ୍ମସଂଭବ ବୌଦ୍ଧ ପ୍ରାର୍ଥନା ସମାରୋହ ଅନୁଷ୍ଠିତ ହେଉଛି। ଯେଉଁଥିରେ ୧୨ଟି ଦେଶର ୧୫୦୦ ବୁଦ୍ଧଭିକ୍ଷୁ, ବୌଦ୍ଧଧର୍ମାବଲମ୍ବୀଙ୍କ ସମେତ ଅନେକ ବୁଦ୍ଧିଜୀବି ଯୋଗଦେବେ। ଦି' ଲାଇଟ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲ ପକ୍ଷରୁ ଆୟୋଜିତ ଏହି ପ୍ରଥମ ଓ ଭବ୍ୟ ସମାବେଶ 'ହୀରକ ତ୍ରିଭୁଜ' ବୌଦ୍ଧକୀର୍ତ୍ତିରାଜି ଇଲାକାରେ ଏକ ନୂତନ ବାତାବରଣ ସୃଷ୍ଟି କରିଛି। ଏହିସବୁ କୀର୍ତ୍ତିରାଜି ଅଞ୍ଚଳକୁ ନୂତନ ଭାବେ ବିକଶିତ କରିବାପାଇଁ ରାଜ୍ୟ ସରକାର ବିଭିନ୍ନ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ଲଳିତଗିରି-ରତ୍ନଗିରି-ଉଦୟଗିରି-ଲାଙ୍ଗୁଡ଼ିର ସୁପ୍ରସିଦ୍ଧ ବୌଦ୍ଧ ସର୍କିଟ ଅନ୍ତର୍ଗତ ଅସିହା ପର୍ବତମାଳାର ଗିରିଗାତ୍ରରେ ପ୍ରାଚୀନ ଭାରତର ଏକ ଗୌରୋବଜ୍ଜ୍ୱଳ ପ୍ରଜ୍ଞାପୀଠ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଉପରେ ବିଶେଷ ଆଲେଖ୍ୟ।



ଶୁଭେନ୍ଦୁ କୁମାର ଭୂୟାଁ

## ବୌଦ୍ଧ ଇତିହାସର ଅନାଲୋଚିତ କୀର୍ତ୍ତି :





# 'ପୁଷ୍ପଗିରି'

ଗୌରବମୟ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭାରତ ଭୂଇଁରେ ଗଢ଼ିଉଠିଥିବା ପୁରାତନ କାଳର କେତୋଟି ସୁପ୍ରସିଦ୍ଧ ବିଦ୍ୟାପୀଠ ସେ ସମୟରେ ଥିଲା ବିଶ୍ୱବିଖ୍ୟାତ। ଭାରତ ଭୂଖଣ୍ଡ ସମେତ ଚୀନ, ତିବ୍ବତ, ମଙ୍ଗୋଲିଆ, କୋରିଆ, ଜାପାନ, ସିଂହଳ, ମଧ୍ୟ-ଏସିଆ, ପୂର୍ବ-ଏସିଆ, ପାରସ୍ୟ ଇତ୍ୟାଦି ଦେଶ ବିଦେଶରୁ ଶହଶହ ବିଦ୍ୟାର୍ଥୀଗଣ ଆସି ଭାରତବର୍ଷର ଏହି ଗରିମାମୟ ଶିକ୍ଷାୟତନ ଗୁଡ଼ିକରେ ଅଧ୍ୟୟନ କରୁଥିଲେ। ବହୁ ପୁରାତନକାଳର ଏହି ସୁବିଖ୍ୟାତ ବିଦ୍ୟାପୀଠ ଗୁଡ଼ିକ ମଧ୍ୟରେ ଥିବା ତକ୍ଷଶିଳା, ପାଟଳୀପୁତ୍ର, କାଞ୍ଚି, ବିକ୍ରମଶୀଳା, ବଲ୍ଲଭି, ଉଜ୍ଜୟିନୀ କାଶୀ, ନାଳନ୍ଦା ଓ ପୁଷ୍ପଗିରି। ଆଶ୍ଚର୍ଯ୍ୟର ବିଷୟ ଥିଲା- ଭାରତ ବାହାରର ଅନେକ ପୃଥିବୀ ପ୍ରସିଦ୍ଧ ବିଦ୍ୱାନଗଣ ଥିଲେ ଭାରତ ଭୂଖଣ୍ଡର ଏହି ବିଦ୍ୟାପୀଠଗୁଡ଼ିକର ପ୍ରାଜ୍ଞ ଆଚାର୍ଯ୍ୟ। ଏବଂ ଦେଶ ବିଦେଶରୁ ବହୁ ଜ୍ଞାନୀ ଓ ପ୍ରତିଭା ସଂପନ୍ନ ବିଦ୍ୟାର୍ଥୀଗଣ ଏଠାରେ ଆସି ଅଧ୍ୟୟନରତ ଥିଲେ। ତକ୍ଷଶିଳା ଥିଲା ଭାରତବର୍ଷର ଏକ ପ୍ରାଚୀନତମ ବିଶ୍ୱବିଦ୍ୟାଳୟ, ତକ ବା ତକ୍ଷ ନାମକ ରାଜ୍ୟର ରାଜଧାନୀ ଥିଲା ତକ୍ଷଶୀଳା। ପ୍ରବୀଣ ରାଜନୀତି ବିଶାରଦ ଚାଣକ୍ୟ ଥିଲେ ଏହି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟର ଜଣେ ଅନ୍ତେବାସୀ। ବହୁ ପୁରାତନ ଅବନ୍ତୀ ବା ଉଜ୍ଜୟିନୀ ବିଦ୍ୟାପୀଠରେ ପ୍ରଖ୍ୟାତ ଗୁରୁ ସାନ୍ଦୀପନିଙ୍କ ନିକଟରେ ଶ୍ରୀକୃଷ୍ଣ ଓ ବଳରାମ ବିଦ୍ୟାଧ୍ୟୟନ କରୁଥିଲେ। ଉଜ୍ଜୟିନୀ ବିଦ୍ୟାପୀଠର ପ୍ରାଚୀନତା ଓ ପ୍ରସିଦ୍ଧି ଏଥିରୁ ଜଣାପଡ଼େ। ଉଜ୍ଜୟିନୀର ସମ୍ରାଟ ବିକ୍ରମାଦିତ୍ୟ ବିଦ୍ୟାପୀଠ ଓ ବିଦ୍ୱାନମାନଙ୍କର ବିଶେଷ ଆଦର ସତ୍କାର କରୁଥିଲେ। କାଶୀକୁ କୁହାଯାଉଥିଲା ଭାରତବର୍ଷର ବିଦ୍ୟାନଗରୀ। ଏହା ଥିଲା ଦେଶର ଏକ ପୁଣ୍ୟଧାମ ଓ ପ୍ରଖ୍ୟାତ ବିଦ୍ୟାପୀଠ। ଏଠାରେ ବେଦ, ବେଦାନ୍ତ, ଦର୍ଶନଶାସ୍ତ୍ର, ମୀମାଂସା ଓ ସାହିତ୍ୟର ଚର୍ଚ୍ଚା ହେଉଥିଲା। ଦେଶର ଅନ୍ୟ ଏକ ପ୍ରାଚୀନ ବିଶ୍ୱବିଦ୍ୟାଳୟ ଥିଲା ନାଳନ୍ଦାଠାରେ। ପାଟନା ନଗରୀ ଠାରୁ ପ୍ରାୟ ୧୬ ମାଇଲ ଦକ୍ଷିଣ ଦିଗରେ ବୌଦ୍ଧଯୁଗର ଗୁପ୍ତବଂଶୀୟ ସମ୍ରାଟମାନଙ୍କ ପୃଷ୍ଠପୋଷକତା ଏବଂ ସାହଚର୍ଯ୍ୟରେ ସ୍ଥାପିତ ହୋଇଥିଲା ଏହି ବିଶ୍ୱବନ୍ଦ୍ୟ ବୌଦ୍ଧ ବିଶ୍ୱବିଦ୍ୟାଳୟ। ଏହା ଖ୍ୟାତି ଓ ପ୍ରତିଷ୍ଠାରେ ଏହା ଥିଲା ଜଗତ ବିଖ୍ୟାତ ଏକ ବିଦ୍ୟାଧ୍ୟୟନ କେନ୍ଦ୍ର। ଦେଶ ବିଦେଶର ବହୁ ବୌଦ୍ଧ, ହିନ୍ଦୁପଣ୍ଡିତ ଓ ପ୍ରାଜ୍ଞ ବିଦ୍ୱାନମଣ୍ଡଳୀ ଥିଲେ ନାଳନ୍ଦା ବିଶ୍ୱବିଦ୍ୟାଳୟର ଜଣେ ଜଣେ ପ୍ରମୁଖ ଆଚାର୍ଯ୍ୟ। ସେ କାଳରେ ଦେଶ ବିଦେଶରୁ ଆସି ଦଶ ସହସ୍ର ବିଦ୍ୟାର୍ଥୀ ଖାଦ୍ୟ ପରିଚ୍ଛଦ





ଗ୍ରହଣ କରି ନାଳନ୍ଦାଠାରେ ବିଦ୍ୟାଧ୍ୟୟନ କରୁଥିଲେ। ବିଶ୍ୱବିଖ୍ୟାତ ଚୀନ ପରିବ୍ରାଜକ ହୁଏନ୍‌ସାଂ ନାଳନ୍ଦାଠାରେ ପାଞ୍ଚବର୍ଷ ଅଧ୍ୟୟନ କରିଥିଲେ। ଏହି ବିଶ୍ୱବିଦ୍ୟାଳୟଗୁଡ଼ିକ ସହିତ ପ୍ରାଚୀନ ଓଡ଼ିଶାର ଆଉ ଯେଉଁ କେତୋଟି ବୌଦ୍ଧଯୁଗୀୟ ବିଶ୍ୱବିଦ୍ୟାଳୟଟି ଥିଲା ପୃଥିବୀ ପ୍ରସିଦ୍ଧ- ତାହା ଥିଲା ପୁଷ୍ପଗିରି ବିଶ୍ୱବିଦ୍ୟାଳୟ। ବୌଦ୍ଧଧର୍ମ, ଦର୍ଶନ, ସଂସ୍କୃତି ଓ ସାହିତ୍ୟ ଜଗତରେ ବହୁଧା ବର୍ଣ୍ଣିତ ଏହି ଖ୍ୟାତିସଂପନ୍ନ ବିଦ୍ୟାମନ୍ଦିର ଥିଲା ବହୁଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଏକ ପ୍ରମୁଖ ଶିକ୍ଷା ପ୍ରତିଷ୍ଠାନ। କିନ୍ତୁ ଦେଶର ଏହି ଗୌରବମଣ୍ଡିତ ଏବଂ ବିଶ୍ୱବିଦିତ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଅବସ୍ଥିତି ଥିଲା କେଉଁଠି ? ପ୍ରତ୍ନତାତ୍ତ୍ୱିକ





ଉତ୍ଖନନ, ସିଲ୍, ସିଲିଂ ଓ ଶିଳାଲେଖର ପାଠୋଦ୍ଧାର ଭିତରୁ ନିର୍ଦ୍ଦିଷ୍ଟ ଭାବରେ ଏହି ମହାନ ଶିକ୍ଷାନୁଷ୍ଠାନର ପରିଚୟ ଅଦ୍ୟାବଧି ମିଳିପାରି ନାହିଁ। କିନ୍ତୁ ପ୍ରସିଦ୍ଧ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ (୬୦୨-୬୬୪ ଖ୍ରୀଷ୍ଟାବ୍ଦ)ଙ୍କ ଭାରତ ଭ୍ରମଣ ବିବରଣୀରେ ପୁଷ୍ପଗିରି ବୌଦ୍ଧମହାବିହାର ବା ବିଶ୍ୱବିଦ୍ୟାଳୟର ବର୍ଣ୍ଣନା ପ୍ରାଞ୍ଜଳ ଭାବରେ ରହିଛି। ୨୭ ବର୍ଷ ବୟସର ଏହି ପୃଥିବୀ ପ୍ରସିଦ୍ଧ ପ୍ରାଜ୍ଞ ବୌଦ୍ଧ ସନ୍ନ୍ୟାସୀ ୬୨୯ ଖ୍ରୀଷ୍ଟାବ୍ଦରେ ଚୀନ୍‌ରୁ ଆଫଗାନିସ୍ତାନ ବାଟଦେଇ ଆସିଥିଲେ ଭାରତ। ଏଇ ପୁରାତନ ଭୂଖଣ୍ଡର ବିଭିନ୍ନ ପ୍ରାନ୍ତର ସେ ପରିଭ୍ରମଣ କରିଥିଲେ ପ୍ରାୟ ୧୫ ବର୍ଷ ଧରି। ସେଥିମଧ୍ୟରୁ ସେକାଳର ପ୍ରସିଦ୍ଧ ନାଳନ୍ଦା ବୌଦ୍ଧବିଶ୍ୱବିଦ୍ୟାଳୟରେ ସେ ପାଞ୍ଚବର୍ଷ ଧରି ଅଧ୍ୟୟନ-ଗବେଷଣାରେ କଟାଇଥିଲେ । ଚୀନ ଦେଶର ଜେନାନ ପ୍ରଦେଶର ସମ୍ଭ୍ରାନ୍ତ 'ମାଣ୍ଡାରିନ୍' ପରିବାରରେ ଜନ୍ମଗ୍ରହଣ କରିଥିବା ହୁଏନ୍‌ସାଂ ମାତ୍ର ୧୨ ବର୍ଷ ବୟସରେ ବୌଦ୍ଧଭିକ୍ଷୁ ଭାବେ ଚେଙ୍ଗ-ଡୁରର ଏକ ବୌଦ୍ଧମହାବିହାରରେ ନିଜର ଆଧ୍ୟାତ୍ମିକ ଜୀବନଯାତ୍ରା ଆରମ୍ଭ କରିଥିଲେ। ତତ୍କାଳୀନ ଚୀନ୍ ଦେଶର ଧାର୍ମିକ ବାତାବରଣ ଥିଲା ହିଂସାତ୍ମକ ଓ ଯୁଦ୍ଧଖୋର। ଏଥିରେ ବ୍ୟଥିତ ହୋଇ ଯୁବ ବୌଦ୍ଧ ସନ୍ନ୍ୟାସୀ ହୁଏନ୍‌ସାଂ ବୌଦ୍ଧଧର୍ମର ଆଦିଭୂମି ଭାରତକୁ ଆସି ଉଚ୍ଚତର ଅଧ୍ୟୟନ ପାଇଁ ବିଶେଷ ଆଗ୍ରହୀ ହୋଇଥିଲେ। ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ସହିତ ସେ ସମ୍ରାଟ ହର୍ଷବର୍ଦ୍ଧନଙ୍କ ରାଜଧାନୀ କନୌଜରେ ମଧ୍ୟ କିଛି ବର୍ଷ କଟାଇଥିଲେ। ତାଙ୍କର ଭାରତ ଭ୍ରମଣ ସୂଚୀରେ ଥିଲା କାଶ୍ମୀର, ପୂର୍ବ ଭାରତର ବଙ୍ଗ, ଆସାମ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ବିହାର, ଉତ୍ତରପ୍ରଦେଶ ଓ ବର୍ତ୍ତମାନର ଉତ୍ତରାଖଣ୍ଡ ଅଞ୍ଚଳ ।

ହୁଏନ୍‌ସାଂ ତାଙ୍କର ଭାରତ ଦେଶ ଭ୍ରମଣ-ଅଧ୍ୟୟନର ବିବରଣୀକୁ ସୁନ୍ଦର ଭାବରେ ତାଙ୍କ ପୁସ୍ତକ 'ସିୟୁକୀ'ରେ ଲିପିବଦ୍ଧ କରିଛନ୍ତି- ଯେଉଁଥିରେ ତାଙ୍କର ପ୍ରାଚୀନ ଉତ୍କଳ ଭୂଖଣ୍ଡର ଅଧ୍ୟୟନ-ପରିଭ୍ରମଣର ବିବରଣୀ ମଧ୍ୟ ରହିଛି। ଏହି ବିବରଣୀରେ ରହିଛି ଯେ, ସେ ସମୟର ଓଡିଶାରେ କଳିଙ୍ଗ, କୋଶଳ, କଂଗୋଦ ଓ ଓଡ୍ର ନାମକ ରାଜ୍ୟଗୁଡ଼ିକ ରହିଥିଲା। ଏହି କାଳଖଣ୍ଡରେ ଓଡ଼ିଶା ଭୂଇଁରେ ବୌଦ୍ଧଧର୍ମର ପ୍ରଭାବ ଓ ପ୍ରତିଷ୍ଠା ଥିଲା ବେଶ୍ ମହତ୍ତ୍ୱପୂର୍ଣ୍ଣ । ଭାରତରୁ ପ୍ରତ୍ୟାବର୍ତ୍ତନ କରି ଚୀନ୍ ଫେରି ଯିବାପରେ ହୁଏନ୍‌ସାଂଙ୍କ ଜୀବନର ଅନ୍ତିମ ସମୟ ସବୁ ଏକ ପୁରାତନ ବୌଦ୍ଧବିହାରରେ କଟିଥିଲା। ଏହିଠାରେ ସେ ତାଙ୍କର ସମଗ୍ର ଭାରତ ଭ୍ରମଣର ଆଧ୍ୟାତ୍ମିକ ଅନୁଭବକୁ ଲେଖିବା ଆରମ୍ଭ କରିଥିଲେ। ହୁଏନ୍‌ସାଂଙ୍କ ଏହି ଐତିହାସିକ ବିବରଣୀରେ ବର୍ଣ୍ଣିତ ପୁଷ୍ପଗିରିର ଗୌରବୋଜ୍ଜ୍ୱଳ ବୌଦ୍ଧ ବିଶ୍ୱବିଦ୍ୟାଳୟଟି ଥିଲା ଭାରତୀୟ ବୌଦ୍ଧଧର୍ମ, ଦର୍ଶନର ଏକ ଗରିମାମୟ ଅନୁଷ୍ଠାନ। ହୁଏନ୍‌ସାଂଙ୍କ 'ପୁ-ଷି-ପୋ-କି-ଲି' (ପୁଷ୍ପଗିରି) ଥିଲା ଭାରତ ଭୂଖଣ୍ଡର ଉ-ଚ୍ଛା (ଓଡ୍ର) ରାଜ୍ୟର ପର୍ବତଭୂମିରେ ଥିବା ଏକ ଅପୂର୍ବ ବୌଦ୍ଧ ମହାବିହାରଠାରେ। ସେ ଲେଖିଛନ୍ତି 'ପୁଷ୍ପଗିରି'ର ଏହି ଅନୁପମ ବୌଦ୍ଧ ସ୍ମାରକୀମଣ୍ଡିତ ଇଲାକା 'ଅଲୌକିକ' ଆଲୋକ ବିକିରଣ କରୁଥିଲା। ପର୍ବତମେଖଳାର ଶୀର୍ଷଦେଶରେ ଥିବା ଏହି ସୁନ୍ଦର ବୌଦ୍ଧଭୂମିରେ ଏକ ଦିବ୍ୟ ଓ ଆଲୋକିତ ପ୍ରଭାମଣ୍ଡଳ ବହୁଦୂର ପର୍ଯ୍ୟନ୍ତ ମଧ୍ୟ ଦୃଷ୍ଟିଗୋଚର ହେଉଥିଲା ପରିବ୍ରାଜକମାନଙ୍କୁ।

**ପ୍ରାଚୀନ ଓଡ୍ର ଦେଶର ଦକ୍ଷିଣ-ପଶ୍ଚିମ ଭାଗରେ ଥିବା ଏହି ବିଖ୍ୟାତ 'ସଂଘାରାମ' ଥିଲା ପୁଷ୍ପଗିରି ବୋଲି 'ସି-ୟୁ-କୀ'ର ବର୍ଣ୍ଣନାରୁ ଜଣାପଡ଼ିଛି। ଏହି ଅପୂର୍ବ ଏବଂ ଅଲୌକିକ ପ୍ରଭାମଣ୍ଡିତ ପୁଷ୍ପଗିରି ବୌଦ୍ଧଭୂମିର ମହାବିହାର, ସ୍ତୂପ ଓ ଚୈତ୍ୟ ସମୂହଗୁଡ଼ିକୁ ସାଧାରଣ ମାନବ ପରିବର୍ତ୍ତେ 'ଯକ୍ଷ' ମାନେ ନିର୍ମାଣ କରିଥିଲେ ବୋଲି ହୁଏନ୍‌ସାଂ ବର୍ଣ୍ଣନା କରିଛନ୍ତି ।**

ଅବିଭକ୍ତ କଟକ ଜିଲ୍ଲାର ଅସିହା ରେଞ୍ଜର ପର୍ବତମେଖଳା ଗୁଡ଼ିକ ହିଁ ପୁଷ୍ପଗିରିର ବିଶ୍ୱବିଖ୍ୟାତ ବୌଦ୍ଧ ମହାବିହାରର ଆଦିକେନ୍ଦ୍ର ଥିଲା ବୋଲି ବହୁ ବିଶିଷ୍ଟ ଐତିହାସିକ, ଗବେଷକ ଓ ପ୍ରତ୍ନତତ୍ତ୍ୱବିତ୍‌ମାନେ ମତ ଦେଇଛନ୍ତି । ବର୍ତ୍ତମାନ ଯାଜପୁର ଜିଲ୍ଲା ଅନ୍ତର୍ଗତ ଧର୍ମଶାଳା, ବରି, ବଡ଼ଚଣା ଓ କଟକ ଜିଲ୍ଲାର ମାହାଙ୍ଗା ଅଞ୍ଚଳର ବିବିଧ ଭୂମିରେ ରହିଛି ଏହି ପୁରାତନ ଅସିହା ପର୍ବତାଞ୍ଚଳ। ଧର୍ମଶାଳାର ଲାଙ୍ଗୁଡ଼ି, କାଏମା, ବଜ୍ରଗିରି, ବଡ଼ଚଣାର ଉଦୟଗିରି, ବଅଡିହ, ଶୁଖୁଆପଡ଼ା ଓ କୋଲଣଗିରି, ବରିର ରତ୍ନଗିରି ଏବଂ ମାହାଙ୍ଗାର ଲଣ୍ଡା ବା ଲଳିତଗିରି ଓ ପାରାଭାଡ଼ି ବୌଦ୍ଧଭୂମିକୁ ଘେରି ଗଢ଼ିଉଠିଛି ଅପୂର୍ବ ସୁନ୍ଦର ଏହିସବୁ ଗିରିମେଖଳାଗୁଡ଼ିକ। ବୌଦ୍ଧ ପର୍ଯ୍ୟଟନ ମାନଚିତ୍ର ବଳୟରେ 'ହୀରକ ତ୍ରିଭୁଜ' ବୌଦ୍ଧକ୍ଷେତ୍ର ଭାବରେ ବିଶେଷ ପରିଚିତ ଏହି ଭୂଖଣ୍ଡ ମଧ୍ୟରେ ଥିଲା 'ପୁଷ୍ପଗିରି'ର ଖ୍ୟାତିସମ୍ପନ୍ନ ଏହି ପ୍ରାଚୀନ ବୌଦ୍ଧ ମହାବିହାର, ସଂଘାରାମ ଅଥବା ପ୍ରାଚୀନ ବିଶ୍ୱବିଦ୍ୟାଳୟଟି। ଭାରତ ସରକାରଙ୍କ ଅଧୀନସ୍ଥ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏ.ଏସ୍.ଆଇ.) ପକ୍ଷରୁ ଏହିସବୁ ଗୁରୁତ୍ୱପୂର୍ଣ୍ଣ ବୌଦ୍ଧ ଭୂଖଣ୍ଡ ଗୁଡ଼ିକୁ ପର୍ଯ୍ୟାୟ କ୍ରମେ ଅନେକ ବର୍ଷତଳୁ ପ୍ରତ୍ନତାତ୍ତ୍ୱିକ ଉତ୍ଖନନ କରାଯାଇ ଇତିହାସର ଅତଳ ଗର୍ଭରୁ ନୂଆ କୀର୍ତ୍ତି ସମୂହକୁ ଲୋକଲୋଚନକୁ ଅଣାଯାଇପାରିଛି। ଏ.ଏସ୍.ଆଇ. ଅର୍ଦ୍ଧଶତାବ୍ଦୀରୁ ଅଧିକ ବର୍ଷତଳୁ ପ୍ରଥମେ ରତ୍ନଗିରି ବୌଦ୍ଧଭୂମିର ପ୍ରତ୍ନଉତ୍ଖନନ ଆରମ୍ଭ କରିଥିଲା ଏବଂ ଏହାର ନେତୃତ୍ୱ ନେଇଥିଲେ କଲିକତା ନିବାସୀ ଜଣେ ବିଶିଷ୍ଟ ମହିଳା ପ୍ରତ୍ନତତ୍ତ୍ୱବିତ୍ ଡ. ଦେବଳା ମିତ୍ର। ମିତ୍ର ପରବର୍ତ୍ତୀ ସମୟରେ ଦେଶର ଏହି ମହତ୍ତର ଅନୁଷ୍ଠାନ ଏ.ଏସ୍.ଆଇ.ର ମହାନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ରତ୍ନଗିରି ଖନନରୁ ମିଳିଥିଲା ଦୁଇଟି ବିଶାଳ ଏବଂ ମନୋରମ ବୌଦ୍ଧ ମହାବିହାର, ଏକ ପ୍ରାଚୀନ ମହାକାଳ ମନ୍ଦିର, ଏକ ବିଶାଳ ବୌଦ୍ଧମହାସ୍ତୂପ ସହିତ କାରୁକାର୍ଯ୍ୟମଣ୍ଡିତ ଶତଶତ କମନୀୟ ବୁଦ୍ଧପ୍ରତିମା ଏବଂ ଭୋଟିପ୍‌ସ୍ତୂପ ସମୂହ। ରତ୍ନଗିରି ଖନନରୁ ମିଳିଥିବା ଟେରାକୋଟା ସିଲ୍‌ରୁ ସନ୍ଧାନ ମିଳିଥିଲା- 'ଶ୍ରୀ ରତ୍ନଗିରି ମହାବିହାର ଆର୍ଯ୍ୟଭିକ୍ଷୁ ସଂଘ' ସଂପର୍କରେ । ପ୍ରଥମେ ୧୯୮୫ରୁ ୧୯୮୯ ଏବଂ ପରେ ୧୯୯୭ରୁ ୨୦୦୩ ମସିହା ମଧ୍ୟରେ ଉଦୟଗିରି ଖନନରୁ ମିଳିଥିଲା ଦୁଇଟି ପ୍ରାଚୀନ ବୌଦ୍ଧମହାବିହାର । ଉଦୟଗିରି-୧ ଖନନରୁ 'ଶ୍ରୀ ମାଧବପୁର ମହାବିହାର ଆର୍ଯ୍ୟଭିକ୍ଷୁ ସଂଘ' ଏବଂ ଉଦୟଗିରି-୨ ଖନନରୁ 'ଶ୍ରୀ ସିଂହପ୍ରସ୍ଥ ମହାବିହାର ଆର୍ଯ୍ୟଭିକ୍ଷୁ ସଂଘ'ର ସିଲ୍ ମୋହର ମିଳିଥିଲା । ଲଳିତଗିରିର ପ୍ରତ୍ନ ଉତ୍ଖନନରୁ ମିଳିଥିଲା 'ଶ୍ରୀ ଚନ୍ଦ୍ରାଦିତ୍ୟ ବୌଦ୍ଧ-ମହାବିହାର'ର ଟେରାକୋଟା ସିଲ୍ ମୋହର। ଲଳିତଗିରିର ବିରଳତମ ଆବିଷ୍କାର ଭିତରେ ଥିଲା- ମହାସ୍ତୂପ ଖନନରୁ ମିଳିଥିବା ଏକ ପବିତ୍ର 'ଧାତୁ ପେଟିକା' ବା ରେଲିକ୍ସ କାସକେଟ୍ । ତା'ଭିତରେ ସୁନାପାତ ଓ ରୂପାପାତ ଗୁଡ଼ା ହୋଇ ପବିତ୍ର ଦେହାବଶେଷ ଆବିଷ୍କାର ଲଳିତଗିରିର ବୌଦ୍ଧଭୂମିକୁ ଏକ ବିଶେଷ ପରିଚୟ ଦେଇଥିଲା । ଏହି ପବିତ୍ର ଦେହାବଶେଷ ଥିବା 'ରେଲିକ୍ସ କାସକେଟ୍' ଲଳିତଗିରିଠାରେ ଥିବା ସଂଗ୍ରହାଳୟରେ ଏକ ବୁଲେଟ ପ୍ରୁଫ୍ ଆବରଣ ଭିତରେ ଏବେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହୋଇଛି। ଏ ସମସ୍ତ ବୌଦ୍ଧପୀଠ ଗୁଡ଼ିକର ଖନନ କାର୍ଯ୍ୟ ସଂପନ୍ନ କରିଥିଲେ ଭାରତ ସରକାରଙ୍କ ଏ.ଏସ୍.ଆଇ. ବିଭାଗ । ଏହା ପରବର୍ତ୍ତୀ ସମୟରେ ଧର୍ମଶାଳା ଅଞ୍ଚଳର ଲାଙ୍ଗୁଡ଼ି ବୁଦ୍ଧବିହାର ୧୯୯୬ ମସିହାରେ ଖନନ କରିଥିଲେ ରାଜ୍ୟ ସରକାରଙ୍କ







ସଂସ୍କୃତି ବିଭାଗ ଅନ୍ତର୍ଗତ ଓଡ଼ିଶା ନୌବାଣିଜ୍ୟ ଓ ଦକ୍ଷିଣ-ପୂର୍ବ ଏସୀୟ ଗବେଷଣା ପ୍ରତିଷ୍ଠାନ। ଏଠାରୁ ପ୍ରସ୍ତରକଟା ଅଶୋକଙ୍କ ସ୍ତୂପ ସମୂହ ଏବଂ ଛଣିର ଖୋଦେଇ 'ସିଜେଲ ମାର୍କ' ମିଳିଥିଲା। କିନ୍ତୁ ଅନ୍ୟ ବୌଦ୍ଧବିହାର ଭଳି କୌଣସି ସିଲ୍ ମିଳି ନଥିଲା । ଲାଙ୍ଗୁଡ଼ି ବୁଦ୍ଧବିହାରର ସମୟସୀମା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରୁ ଆରମ୍ଭ ହୋଇ ଦଶମ ଶତାବ୍ଦୀ ପର୍ଯ୍ୟନ୍ତ ବିକଶିତ ହୋଇଥିଲା। ଏଠାରୁ ମିଳିଥିବା ଛଣି ଖୋଦେଇର ଶିଳାଲିପିରେ ପ୍ରାକୃତ ଭାଷାରେ 'ପୁଷ୍ପସଭାର ଗିରୟ' ଲେଖାର ପାଠୋଦ୍ଧାର କରି କହିଥିଲେ କଲିକତା ବିଶ୍ୱବିଦ୍ୟାଳୟର ବିଖ୍ୟାତ ଏପିଗ୍ରାଫି ବିଶେଷଜ୍ଞ ପ୍ରଫେସର ବି.ଏନ୍.ମୁଖାର୍ଜୀ। ଦେଶର ଏହି ପ୍ରସିଦ୍ଧ ପାଲିଭାଷା ବିଶେଷଜ୍ଞ ପ୍ରଫେସର ମୁଖାର୍ଜୀଙ୍କ ମତରେ ଲାଙ୍ଗୁଡ଼ିରୁ କୌଣସି ପ୍ରାମାଣିକ ସିଲ୍ ମୋହର ନ ମିଳିଥିଲେ ହେଁ ଏହାକୁ ପୁଷ୍ପଗିରି ବୌଦ୍ଧମହାବିହାର କୁହାଯାଇପାରେ। ତେବେ ଲାଙ୍ଗୁଡ଼ି ଭଳି ଏକ ନାତିଦୀର୍ଘ ପର୍ବତମେଖଳାରୁ ଏକ କ୍ଷୁଦ୍ର ଅଂଶରେ କେତୋଟି ପ୍ରସ୍ତରକଟା ସ୍ତୂପ ଏବଂ କିଛି ମୂର୍ତ୍ତି ମିଳିଥିଲେ ମଧ୍ୟ ଏହାକୁ ପୁଷ୍ପଗିରି ବୌଦ୍ଧବିହାର ବା ବିଶ୍ୱବିଦ୍ୟାଳୟ ବୋଲି ବିନା ପ୍ରମାଣରେ କୁହାଯାଇପାରିବ ନାହିଁ ବୋଲି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ବିଭାଗ ସ୍ପଷ୍ଟ କରିସାରିଛି । ଅନେକ ବୌଦ୍ଧ ଐତିହାସିକ ଓ ପ୍ରତ୍ନ ଗବେଷକ ଅସିହା ରେଞ୍ଜ ଅଫ ହିଲ୍ସ ଅନ୍ତର୍ଗତ ଏହି ସମଗ୍ର ପର୍ବତମେଖଳା- ଯାହା ଭିତରେ ଉଦୟଗିରି-ରତ୍ନଗିରି-ଲଳିତଗିରି ଭଳି ସୁବିଖ୍ୟାତ ଏବଂ ବିଶାଳ ବୌଦ୍ଧକୀର୍ତ୍ତିରାଜି ସବୁ ଆବିଷ୍କୃତ ହୋଇଛି ତାହା ଭିତରେ ପୁଷ୍ପଗିରିର ଏହି ବୌଦ୍ଧ ବିଶ୍ୱବିଦ୍ୟାଳୟ ରହିଛି ବୋଲି ମତ ଦେଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ବିଶ୍ୱବନ୍ଦ୍ୟ ଏହି ପୁଷ୍ପଗିରିରେ ତତ୍‌କାଳୀନ ସମୟର ବିଖ୍ୟାତ ବୌଦ୍ଧପଣ୍ଡିତ ଇନ୍ଦ୍ରଭୂତି, ଲକ୍ଷ୍ମୀଙ୍କରା, ବୋଧିଶ୍ରୀ, ରାହୁଲ ଭଦ୍ର, ଶାନ୍ତରକ୍ଷିତ, ପଦ୍ମସମ୍ଭବ ପ୍ରଭୃତି ଶିକ୍ଷାଦାନ କରୁଥିଲେ। ନାଳନ୍ଦା ବିଶ୍ୱବିଦ୍ୟାଳୟର ସମକକ୍ଷ ଥିବା ପୁଷ୍ପଗିରି ଏବଂ ରତ୍ନଗିରି ବିଶ୍ୱବିଦ୍ୟାଳୟରେ ଦେଶ ବିଦେଶର ବିଦ୍ୱାନ ଛାତ୍ରମଣ୍ଡଳୀ ଅଧ୍ୟୟନ କରୁଥିଲେ। ଅନେକ ଛାତ୍ର ନାଳନ୍ଦାରୁ ଆସି ପୁଷ୍ପଗିରିରେ ଉଚ୍ଚତର ଶାସ୍ତ୍ର ଅଧ୍ୟୟନ କରୁଥିବା ଜଣାଯାଏ। ହୁଏନ୍‌ସାଙ୍ଗଙ୍କ ଅଧ୍ୟୟନ ସମୟରେ ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ଥିଲେ ଆଚାର୍ଯ୍ୟ ଶୀଳଭଦ୍ର। ତେବେ ହୁଏନ୍‌ସାଙ୍ଗଙ୍କ ପୂର୍ବରୁ ଚୀନ୍ ପରିବ୍ରାଜକ ଫାହିୟାନ ମଧ୍ୟ ଖ୍ରୀଷ୍ଟାବ୍ଦ ୪୦୫ରୁ ଖ୍ରୀଷ୍ଟାବ୍ଦ ୪୧୫ ମଧ୍ୟରେ ଭାରତ ଭ୍ରମଣ କରିଥିଲେ ଏବଂ ସେ ସମୟରେ ବିଖ୍ୟାତ ତକ୍ଷଶିଳା ବିଶ୍ୱବିଦ୍ୟାଳୟର ପତନ ଆରମ୍ଭ ହୋଇସାରିଥିଲା। ହୁଏନ୍‌ସାଙ୍ଗ ମଧ୍ୟ ଏହି ପ୍ରସିଦ୍ଧ ପ୍ରଜ୍ଞା ନଗରୀରେ ଦୁଇଥର ପଦାର୍ପଣ କରିଥିଲେ। ହୁଏନ୍‌ସାଙ୍ଗଙ୍କ ଭ୍ରମଣ ବିବରଣୀରୁ ଜଣାଯାଇଛି ଯେ- ବିଶ୍ୱବିଖ୍ୟାତ ବୌଦ୍ଧପଣ୍ଡିତ ଶାନ୍ତରକ୍ଷିତ ଏବଂ କୁମାରଲବ୍ଧ ତକ୍ଷଶିଳାଠାରେ ବସବାସ କରୁଥିଲେ। ତକ୍ଷଶିଳାର ସେହି ବିଖ୍ୟାତ ବୌଦ୍ଧବିହାର ସମୂହ ହୁଣମାନଙ୍କ ଦ୍ୱାରା ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା- ଯାହାକୁ ପରିଦର୍ଶନ କରି ହୁଏନ୍‌ସାଙ୍ଗ ଖୁବ୍ ବ୍ୟଥିତ ହୋଇଥିଲେ। ତେବେ ଦେଶ ବିଦେଶରେ ସେ ସମୟରେ ଶିକ୍ଷାର ପ୍ରମୁଖ ମାନମନ୍ଦିର ଭାବେ ବେଶ୍ ପ୍ରସିଦ୍ଧି ଅର୍ଜନ କରିଥିବା ନାଳନ୍ଦା ବିଶ୍ୱବିଦ୍ୟାଳୟର କୁଳପତି ଥିଲେ ଓଡ଼ିଶାର ବିଶିଷ୍ଟ ବୌଦ୍ଧପଣ୍ଡିତ ଏବଂ ଦାର୍ଶନିକ ଦିଙ୍‌ନାଗ ।

ତେବେ ଇତିହାସର ସମୟ ପୃଷ୍ଠାରେ ଅନେକ ସହସ୍ର ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ବୌଦ୍ଧଯୁଗୀୟ କାଳଖଣ୍ଡରେ ପ୍ରସିଦ୍ଧି ଅର୍ଜନ କରିଥିବା ପ୍ରାଚୀନ ଓଡ଼ିଶାର ବିଶ୍ୱବିଖ୍ୟାତ ପ୍ରଜ୍ଞାପୀଠ 'ପୁଷ୍ପଗିରି ବୌଦ୍ଧମହାବିହାର ଅଥବା ବିଶ୍ୱବିଦ୍ୟାଳୟ' ସମ୍ବନ୍ଧରେ ବିଶେଷ ଗବେଷଣା ଏବଂ ଏହାର ପ୍ରାମାଣିକ ତଥ୍ୟ ଅନୁସନ୍ଧାନ କରାଯାଇପାରି ନାହିଁ । ଯାଜପୁର ଜିଲ୍ଲାର ଧର୍ମଶାଳା ଅନ୍ତର୍ଗତ ଲାଙ୍ଗୁଡ଼ି ପାହାଡ଼କୁ କଲିକତା ବିଶ୍ୱବିଦ୍ୟାଳୟର ପ୍ରଖ୍ୟାତ ଲିପିତତ୍ତ୍ୱବିତ୍ ପ୍ରଫେସର ବି.ଏନ୍.ମୁଖାର୍ଜୀ ଓ ଦିବଂଗତ ଗବେଷକ ଡ. ଦେବରାଜ ପ୍ରଧାନ ପୁଷ୍ପଗିରି ବୋଲି କହୁଥିଲା ବେଳେ ୧୯୯୪-୯୫ ମସିହାରେ ଲାଙ୍ଗୁଡ଼ିର ଲୁପ୍ତ ବୌଦ୍ଧକୀର୍ତ୍ତିରାଜିକୁ ପ୍ରଥମେ ଲୋକଲୋଚନକୁ ଆଣିଥିବା ବିଶିଷ୍ଟ ବୌଦ୍ଧ ଗବେଷକ ଡ. ହରିଶ୍ ଚନ୍ଦ୍ର ପୃଷ୍ଟି ଏହାକୁ ସ୍ୱୀକାର କରି ଡ. ପୃଷ୍ଟି ସ୍ପଷ୍ଟ ଭାବରେ କହିଛନ୍ତି ଯେ, ଲାଙ୍ଗୁଡ଼ିରୁ ଆବିଷ୍କୃତ ବୌଦ୍ଧକୀର୍ତ୍ତିରାଜି ସମୂହର ଅବସ୍ଥିତି ଏକ କ୍ଷୁଦ୍ର ପରିସୀମାରେ ହିଁ ସୀମିତ। ଅଥଚ ଇତିହାସ ପ୍ରସିଦ୍ଧ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା ଏକ ବିକଶିତ ଏବଂ ଅତ୍ୟନ୍ତ ପରିବ୍ୟାପ୍ତ ଅଞ୍ଚଳରେ ବୌଦ୍ଧ ଶିଳ୍ପକଳାରେ ଗଢ଼ିଉଠିଥିବା ଏକ ଅପୂର୍ବ ପ୍ରଜ୍ଞାପୀଠ। ନାଳନ୍ଦା ବିଶ୍ୱବିଦ୍ୟାଳୟର ସମକକ୍ଷ ତଥା ଏହାଠାରୁ ଅଧିକ ସୌନ୍ଦର୍ଯ୍ୟମୟ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଲାଙ୍ଗୁଡ଼ି ହୋଇ ନପାରେ । ବରଂ ପୁଷ୍ପଗିରି ହେଉଛି ଅବିଭକ୍ତ କଟକ ଜିଲ୍ଲା ଅନ୍ତର୍ଗତ 'ହୀରକ ତ୍ରିଭୁଜ' ବୌଦ୍ଧ ସର୍କିଟ ସଂଲଗ୍ନ ଅସିହା ଗିରିମାଳା ଭିତରେ ଥିବା ଏକ ଅଲୌକିକ ଏବଂ ଅପୂର୍ବ ପ୍ରଭାମଣ୍ଡିତ ବିଶ୍ୱବିଦ୍ୟାଳୟ ।

**ପ୍ରାଚୀନ ଭାରତର ନାଳନ୍ଦା ବିଶ୍ୱବିଦ୍ୟାଳୟର ଗୌରବ ଓ ସାଂସ୍କୃତିକ ବିଭବକୁ ଅକ୍ଷୁର୍ଣ୍ଣ ରଖି ଭାରତ ସରକାର ଏହାକୁ ଏକ ଅତ୍ୟାଧୁନିକ ଏବଂ ବିକଶିତ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରିଛନ୍ତି । ପୁଷ୍ପଗିରି ବିଶ୍ୱବିଦ୍ୟାଳୟକୁ ମଧ୍ୟ ଅନୁରୂପ ଭାବେ ବିକଶିତ କରି ପୁନଃ ପ୍ରତିଷ୍ଠା କରାଯିବାର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି । ପୁରାତନ ଉତ୍କଳଖଣ୍ଡର ଏକ ଗୌରବମୟ ତଥା ବିଶ୍ୱବନ୍ଦ୍ୟ ଶିକ୍ଷାମନ୍ଦିର ଭାବେ ଏକଦା ଦେଶବିଦେଶରେ ଗୌରବାନ୍ୱିତ ହୋଇଥିବା ଏ ମାଟିର ସ୍ୱନାମଧନ୍ୟ ଏହି ପ୍ରାଚୀନ କୀର୍ତ୍ତିରାଜି ଆଧୁନିକ ସମୟର ସମସ୍ତ କଳା-କାରିଗରି-କୌଶଳ ଅନୁରୂପ ଭାବେ ପ୍ରତିଷ୍ଠିତ ହେଲେ- ଗୌରବୋଜ୍ଜ୍ୱଳ ଅତୀତର ଏକ ନୂତନ ଅଧ୍ୟାୟ ହୁଏତ ଉନ୍ମୋଚିତ ହୋଇପାରନ୍ତା ।**

ପ୍ରସଙ୍ଗକ୍ରମେ ଉଲ୍ଲେଖ କରାଯାଇପାରେ ଯେ, **ଲଳିତଗିରି-ରତ୍ନଗିରି-ଉଦୟଗିରିର** ବିଶ୍ୱବିଖ୍ୟାତ ବୌଦ୍ଧକୀର୍ତ୍ତିରାଜି ସମୂହ ଯାହାକି **'ହୀରକ ତ୍ରିଭୁଜ'** ବୌଦ୍ଧ ସର୍କିଟ୍ ଭାବେ ପରିଚିତ ଏବଂ ପ୍ରଖ୍ୟାତ ଚୀନ ପରିବ୍ରାଜକ ହୁଏନ୍‌ସାଙ୍ଗଙ୍କ ବିବରଣୀରେ ଥିଲା ଏକ ଅଲୌକିକ, ଅପୂର୍ବ ପ୍ରଭାମଣ୍ଡିତ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ- ତାହାର ଆନୁଷଙ୍ଗିକ ବିକାଶ କରାଯଇ ଏହାକୁ ୟୁନେସ୍କୋ ଦ୍ୱାରା 'ବିଶ୍ୱ ଐତିହ୍ୟ' ମଣ୍ଡିତକ୍ଷେତ୍ର ଭାବରେ ମଧ୍ୟ ମାନ୍ୟତା ଦେବାପାଇଁ ପ୍ରୟାସ ଆରମ୍ଭ କରାଯାଇପାରନ୍ତା ! ଏ ସଂପର୍କରେ ଓଡ଼ିଶା ସରକାର ବିଧିବଦ୍ଧ ପଦକ୍ଷେପ ନେଲେ ଓଡ଼ିଆ ଅସ୍ମିତାର ପରିଚୟ ଆଧାରରେ ଅର୍କକ୍ଷେତ୍ର କୋଣାର୍କ ପରେ ଲଳିତଗିରି-ରତ୍ନଗିରି-ଉଦୟଗିରିର ବିଶ୍ୱପ୍ରସିଦ୍ଧ ଏହି ଅପରୂପ ବୌଦ୍ଧକୀର୍ତ୍ତିରାଜି ବିମଣ୍ଡିତ କ୍ଷେତ୍ର ଓଡ଼ିଶାର ଦ୍ୱିତୀୟ 'ବିଶ୍ୱ ଐତିହ୍ୟ କୀର୍ତ୍ତି'ର ମାନ୍ୟତା ପାଆନ୍ତା ।

**'ସାଇକୃପା'**
**ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର-୭୫୪୨୦୫**
**ଦୂରଭାଷ : ୯୪୩୭୨୨୬୭୯୭**

## ପ୍ରାଚୀନ ବିଶ୍ୱବିଦ୍ୟାଳୟ ପାଠ୍ୟକ୍ରମରେ ଥିଲା ଯୋଗ ବିଜ୍ଞାନ, ତର୍କବିଦ୍ୟା ଓ ଚିକିତ୍ସାଶାସ୍ତ୍ର

ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ ପ୍ରମୁଖ ବୌଦ୍ଧବିହାର ଭାବେ ଗଢ଼ିଉଠିଥିବା ପ୍ରାଚୀନ ଭାରତର ବିଶ୍ୱବିଖ୍ୟାତ ବିଶ୍ୱବିଦ୍ୟାଳୟଗୁଡ଼ିକ ବୌଦ୍ଧଧର୍ମ ଦର୍ଶନର ଅଧ୍ୟୟନ ଓ ଏହାର ପରିପ୍ରସାର ପାଇଁ ଏଗୁଡ଼ିକ କାର୍ଯ୍ୟ କରୁଥିଲା। ପରବର୍ତ୍ତୀ ସମୟରେ ଏଠାରେ ପାଠ୍ୟକ୍ରମ ଭିତରେ ଯୋଡ଼ି ହୋଇଥିଲା ବେଦ, ଗଣିତ, ସଂସ୍କୃତ, ବ୍ୟାକରଣ, ତର୍କବିଦ୍ୟା, ଯୋଗାଚାର ବିଜ୍ଞାନ, ସାଂଖ୍ୟ, ଚିକିତ୍ସାଶାସ୍ତ୍ର ଇତ୍ୟାଦି ବିବିଧ ବିଷୟ । ନ୍ୟାୟଶାସ୍ତ୍ରର ଅଧ୍ୟାପନା ପାଇଁ ନାଳନ୍ଦା ଥିଲା ବିଶ୍ୱ ପ୍ରସିଦ୍ଧ। ମୋଟ ଉପରେ ଦେଶର ଏହି ପ୍ରାଚୀନତମ ପ୍ରଜ୍ଞାପୀଠ ଗୁଡ଼ିକରେ ଆଧ୍ୟାତ୍ମିକତା, ନୈତିକ ଏବଂ ବୈଷୟିକ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା। ଶିକ୍ଷାଦାନ ପାଇଁ ମାଧ୍ୟମ ଥିଲା ପାଲି ଓ ସଂସ୍କୃତ ଭାଷା। ଏହି ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଅଧ୍ୟୟନ ଏବଂ ଗବେଷଣା ପାଇଁ ଦେଶ ବିଦେଶରୁ ମଧ୍ୟ ବହୁ ବିଦ୍ୟାର୍ଥୀଗଣ ଆସୁଥିଲେ। ଅଧ୍ୟୟନ ପାଇଁ ସେମାନଙ୍କୁ କଠିନ ପ୍ରବେଶିକା ପରୀକ୍ଷା ଦେବାକୁ ମଧ୍ୟ ପଡୁଥିଲା। ପ୍ରବେଶିକା ପରୀକ୍ଷା ଏତେ ଅସାଧ ଥିଲା ଯେ, ଶହେ ଜଣରୁ ମାତ୍ର ୨୦ ଜଣ ବିଦ୍ୟାର୍ଥୀ ଅଧ୍ୟୟନ ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ। ଶିକ୍ଷାଦାନ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିବା ପ୍ରଧାନ ଆଚାର୍ଯ୍ୟମାନେ ଥିଲେ ଆଚାର୍ଯ୍ୟ ନାଗାର୍ଜୁନ, ଅର୍ଚ୍ଚଦେବ, ଅଙ୍ଗ, ଶୀଳଭଦ୍ର, ବସୁବନ୍ଧୁ, ଦିଙ୍‌ନାଗ, ଧର୍ମପାଳ, ଚନ୍ଦ୍ରପାଳ, ପ୍ରଭାମିତ୍ର, ଦୀନମିତ୍ର ଏବଂ ଜ୍ଞାନଚନ୍ଦ୍ର ।

## ପୁଷ୍ପଗିରିର ଗବେଷକ ଛାତ୍ର ଥିଲେ 'ପ୍ରାଜ୍ଞ'

ବିଶ୍ୱବିଖ୍ୟାତ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ସାଂସ୍କୃତିକ ପରମ୍ପରାର ପ୍ରସିଦ୍ଧ ଦାର୍ଶନିକ ତଥା ବୌଦ୍ଧ ଆଚାର୍ଯ୍ୟ ଦିଙ୍‌ନାଗ କୁଳପତି ଭାବରେ କାର୍ଯ୍ୟ କରିଥିଲେ ବୋଲି କହିଛନ୍ତି ସଂସ୍କୃତି ବିଦ୍ୱାନ ଡ. ସୁରେନ୍ଦ୍ର ମିଶ୍ର । ଭୋରଶୈଳ ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱରେ ଥିବା ଦିଙ୍‌ନାଗ ଥିଲେ ପ୍ରାଚୀନ ଭାରତବର୍ଷରେ ଯୋଗାଚାର ବିଜ୍ଞାନବାଦର ପ୍ରଧାନ ପ୍ରବକ୍ତା । ସେ ବୌଦ୍ଧ ନ୍ୟାୟ ଦର୍ଶନର ଭିତ୍ତିଭୂମି ପ୍ରତିଷ୍ଠାରେ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରାୟ ୧୭୦୦ ବର୍ଷ ତଳେ ତାଙ୍କ ଦ୍ୱାରା ପ୍ରସିଦ୍ଧି ଅର୍ଜନ କରିଥିବା ନ୍ୟାୟ ଦର୍ଶନ ଏବେ ବି ପ୍ରଣିଧାନଯୋଗ୍ୟ। ଆଚାର୍ଯ୍ୟ ଦିଙ୍‌ନାଗ ସାଂଖ୍ୟ ଦର୍ଶନର ପ୍ରବକ୍ତା ତଥା ଅନ୍ୟତମ ପ୍ରମୁଖ ଦାର୍ଶନିକ ଆଚାର୍ଯ୍ୟ ଈଶ୍ୱରକୃଷ୍ଣଙ୍କୁ ମଧ୍ୟ ଶାସ୍ତ୍ର ଚର୍ଚ୍ଚାରେ ପରାଜିତ କରିଥିଲେ। ଆଚାର୍ଯ୍ୟ ଦିଙ୍‌ନାଗଙ୍କ ପରେ ତାଙ୍କ ଶିଷ୍ୟ ଧର୍ମପାଳ ହୋଇଥିଲେ ନାଳନ୍ଦାର କୁଳପତି। ଓଡ଼ିଶାର ୧୯ଜଣ ବୌଦ୍ଧଧର୍ମ-ଦର୍ଶନର ପ୍ରାଜ୍ଞ ପଣ୍ଡିତମାନେ ଥିଲେ ଜଣେ ଜଣେ ବିଶ୍ୱବିଖ୍ୟାତ ଆଚାର୍ଯ୍ୟ । ଓଡ଼ିଶା ଭୂଇଁରେ କାଳଚକ୍ରଯାନ ସମ୍ବନ୍ଧରେ ବିଶେଷ ଗ୍ରନ୍ଥ ରଚନା କରିଥିଲେ ଆଚାର୍ଯ୍ୟ ପିତୋପାଦ। ବୌଦ୍ଧ ଦର୍ଶନର ନ୍ୟାୟବିନ୍ଦୁ, ପ୍ରମାଣ ବା କୀର୍ତ୍ତିକାରିକା ପ୍ରମାଣ ବି ନିଶ୍ଚୟ ତିନୋଟି ପ୍ରସିଦ୍ଧ ବୌଦ୍ଧଗ୍ରନ୍ଥ ଓଡ଼ିଶାରେ ହିଁ ରଚନା କରାଯାଇଥିଲା । ଆଫଗାନିସ୍ତାନର 'କପିସା' ଅଞ୍ଚଳରୁ ପୁଷ୍ପଗିରି ବୌଦ୍ଧ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ପାଇଁ ଆସିଥିବା ଯୁବ ବୌଦ୍ଧଶ୍ରମଣ 'ପ୍ରାଜ୍ଞ' ଚୀନ ଦେଶକୁ ଯାଇ ସେଠାରେ 'ତ୍ରିପିଟକ'ର ବ୍ୟାଖ୍ୟା କରିଥିଲେ। ସେ ଥିଲେ ଜଣେ ଧୂରୀଣ ଭାଷା ପଣ୍ଡିତ। ସେ ସମୟର ଯାଜପୁର ମାଟିର ଭୌମକର ବଂଶୀୟ ସମ୍ରାଟ ଶୁଭାକର ଦେବ ବା ଶୁଭଙ୍କର କେଶରୀ ହିଁ 'ପ୍ରାଜ୍ଞ'ଙ୍କୁ ତତ୍‌କାଳୀନ ଉତ୍କଳର ସାଂସ୍କୃତିକ ଦୂତ ଭାବେ ଚୀନ୍ ପଠାଇଥିଲେ।

## ମତ ଓ ମନ୍ତବ୍ୟ

### ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଉପରେ ଅଧିକ ଗବେଷଣା ହେଉ

ଅତୀତରେ ଭାରତର ଶିକ୍ଷା ବ୍ୟବସ୍ଥା ଥିଲା ଉଚ୍ଚକୋଟୀର। ପୃଥିବୀର ଅନ୍ୟତମ ଶ୍ରେଷ୍ଠ ନାଳନ୍ଦା ଓ ତକ୍ଷଶିଳାଠାରେ ପ୍ରଚଳିତ ଶିକ୍ଷା ବ୍ୟବସ୍ଥା ଥିଲା ଭାରତୀୟ ଗୁଣାତ୍ମକ ଓ ମୂଲ୍ୟବୋଧ ଶିକ୍ଷାର ଏକ ଉଜ୍ଜ୍ୱଳତମ ଉଦାହରଣ। ତତ୍‌କାଳନୀ ପ୍ରାଚୀନ ଓଡ଼ିଶାର ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିଲା ଦେଶର ଏକ ଗୌରବମୟ ଶିକ୍ଷାନୁଷ୍ଠାନ। ତୃତୀୟ ଶତାବ୍ଦୀରେ ପ୍ରତିଷ୍ଠିତ ଏହି ମହାନ ବିଶ୍ୱବିଦ୍ୟାଳୟରେ ଉଚ୍ଚତର ଅଧ୍ୟୟନ ପାଇଁ ନାଳନ୍ଦାରେ ବିଶ୍ୱବିଦ୍ୟାଳୟରୁ ଅନେକ ବିଦ୍ୟାର୍ଥୀ ଏଠାକୁ ଆସୁଥିଲେ। ବିଖ୍ୟାତ ଚୀନ ପରିବ୍ରାଜକ ହୁଏନ୍‌ସାଙ୍ଗ ମଧ୍ୟ ନାଳନ୍ଦାରୁ ପୁଷ୍ପଗିରିକୁ ଆସିଥିଲେ। ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଉପରେ ଅଧିକ ଗବେଷଣା କରାଯିବାର ଆବଶ୍ୟକତା ରହିଛି।

**ସୂର୍ଯ୍ୟବଂଶୀ ସୂରଜ, ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀ**

ଅନ୍ୟ ବୌଦ୍ଧମହାବିହାର ଭଳି ନିର୍ଦ୍ଦିଷ୍ଟ ଭାବରେ 'ପୁଷ୍ପଗିରି' ନାମରେ କୌଣସି ସିଲ୍ ବାହାରି ନାହିଁ। ଲାଙ୍ଗୁଡ଼ି ଖନନରୁ ମଧ୍ୟ ଅନୁରୂପ ସିଲ୍ ମିଳିନାହିଁ । ୧୯୯୪-୯୫ ମସିହା ପ୍ରାରମ୍ଭରେ ଲାଙ୍ଗୁଡ଼ିକୁ ପ୍ରଥମେ ଲୋକଲୋଚନକୁ ଆଣିଥିବା ଡ. ହରିଶ ଚନ୍ଦ୍ର ପୃଷ୍ଟିଙ୍କ ଆମନ୍ତ୍ରଣକ୍ରମେ ମୁଁ, ପ୍ରଫେସର କରୁଣାସାଗର ବେହେରା ଓ ଆଶୁତୋଷ ପଟ୍ଟନାୟକ ପ୍ରମୁଖ ସାଙ୍ଗହୋଇ ଲାଙ୍ଗୁଡ଼ି ପରିଦର୍ଶନ କରିଥିଲୁ। ହୁଏନ୍‌ସାଙ୍ଗଙ୍କ ବିବରଣୀ ବ୍ୟତୀତ ଏହା ସଂପର୍କରେ ବିଶେଷ ଆଲୋଚନା ହୋଇନାହିଁ। ସିଲ୍ ମିଳିଥିଲେ ଏ ସଂପର୍କରେ ନିର୍ଦ୍ଦିଷ୍ଟ ଭାବେ କୁହାଯାଇ ପାରିଥାନ୍ତା । ସେହିଭଳି ରତ୍ନଗିରିରୁ ଯେଉଁସବୁ ସେଲ୍ ବା ପ୍ରକୋଷ୍ଠ ସବୁ ବାହାରିଛି, ସେହି ବିଶ୍ୱବିଦ୍ୟାଳୟରେ ମଧ୍ୟ ଅନେକ ଅଧ୍ୟୟନରତ ବିଦ୍ୟାର୍ଥୀ ଓ ଆଚାର୍ଯ୍ୟମାନେ ବସବାସ କରୁଥିଲେ।

**ପ୍ରଫେସର କିଶୋର କୁମାର ବାସା,**
**ଏ.ଏସ୍.ଆଇ.ର ପୂର୍ବତନ ମହାନିର୍ଦ୍ଦେଶକ ତଥା ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରୀୟ ସ୍ମାରକୀ ପ୍ରାଧିକରଣର ଅଧ୍ୟକ୍ଷ**

ପୁଷ୍ପଗିରି ହେଉଛି ଏକାଧିକ ଗିରିର ଏକ ସୁନ୍ଦର ସମାରୋହ । ଲାଙ୍ଗୁଡ଼ିପୀଠ ଓଡ଼ିଶାର ଏକ ପ୍ରାଚୀନ ବୌଦ୍ଧକ୍ଷେତ୍ର ହୋଇଥିଲେ ମଧ୍ୟ ଏଠାରୁ ମିଳିଥିବା କୁଶାଣ-ବ୍ରାହ୍ମୀଲିପିର 'ପୁଷ୍ପସଭାର ଗିରୟ' ଲେଖା ଏକ ମୂଳ ପଥର ଶିଳାଲେଖାରୁ ମିଳିଛି। ଅସିହା ପର୍ବତମାଳା ଭିତରେ ରହିଛି ପୁଷ୍ପଗିରି ବୁଦ୍ଧବିହାର। ଯାହାର ଆଧ୍ୟାତ୍ମିକ ଅଲୌକିକ ଆଲୋକ ତରଙ୍ଗ ବୁଦ୍ଧଙ୍କ ମହିମାର ପରିପ୍ରଚାର କରୁଥିଲା। ପୁଷ୍ପଗିରି ଥିଲା ସେ ସମୟର ବିଖ୍ୟାତ ନାଳନ୍ଦା ବୌଦ୍ଧ ବିଶ୍ୱବିଦ୍ୟାଳୟ ଅନୁରୂପ ଏକ ପ୍ରାଚୀନ ବୌଦ୍ଧ ଦର୍ଶନ-ଶାସ୍ତ୍ର-ଅଧ୍ୟୟନର ପ୍ରଜ୍ଞାପୀଠ।

**ଡକ୍ଟର ହରିଶ୍ ଚନ୍ଦ୍ର ପୃଷ୍ଟି,**
**ବିଶିଷ୍ଟ ବୌଦ୍ଧ ଗବେଷକ**

ଫ୍ୟାସନ୍

# ମକର ସଂକ୍ରାନ୍ତି ପାଇଁ ଶାଢ଼ିର ରଙ୍ଗ

ଭାରତରେ ମକର ସଂକ୍ରାନ୍ତି ପର୍ବ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଏ। ଏହି ଦିନମାନଙ୍କରେ ମହିଳାମାନେ ପାରମ୍ପାରିକ ପୋଷାକ ପିନ୍ଧିବାର ମଧ୍ୟ ଦେଖାଯାଏ। ମକର ସଂକ୍ରାନ୍ତି ଉତ୍ସବରେ ସୁନ୍ଦର ଦେଖାଯିବା ପାଇଁ କେଉଁ ରଙ୍ଗର ଶାଢ଼ି ପିନ୍ଧିବା ଉଚିତ୍। ସେ ବିଷୟରେ ତଳେ କିଛି ଶାଢ଼ିର କଲର୍ ଉପରେ ଟିପ୍ସ ଦିଆଯାଇଛି।



**ଲାଲ ରଙ୍ଗର ଶାଢ଼ି**

ମକର ସଂକ୍ରାନ୍ତିରେ ନବ ବିବାହିତ ମହିଳାମାନେ ଲାଲ ରଙ୍ଗର ଶାଢ଼ି ପିନ୍ଧିବା ପାଇଁ ପସନ୍ଦ କରନ୍ତି। ଲାଲ ରଙ୍ଗର ଶାଢ଼ି ଆପଣଙ୍କ ଚେହେରାକୁ ଆହୁରି ସୁନ୍ଦରତା କରିବାରେ ସାହାଯ୍ୟ କରେ। ଏହି ଶାଢ଼ି ସହିତ ମ୍ୟାଚ୍ କରି ଜୁଏଲାରୀ ସହିତ ମେକଅପ୍ ନେଲେ ଏକ ପାରମ୍ପରିକ ଲୁକ୍ ଦେବ।

**ବାଇଗଣୀ ରଙ୍ଗର ଶାଢ଼ି**

ଯଦି ଆପଣ ମକର ସଂକ୍ରାନ୍ତିରେ କିଛି ଭିନ୍ନ ରଙ୍ଗ ଟ୍ରାଏ କରିବା ପାଇଁ ଚାହାଁନ୍ତି, ତେବେ ଏହି ପରି ହାଲୁକା ବାଇଗଣୀ ରଙ୍ଗର ଶାଢ଼ି ପିନ୍ଧିପାରିବେ। ଏହି ପ୍ରକାରର ଶାଢ଼ି କେବଳ ଷ୍ଟାଇଲିସ୍ ଦେଖାଯାଏ ନାହିଁ ବରଂ ପିନ୍ଧିବା ପାଇଁ ମଧ୍ୟ ଆରାମଦାୟକ। ଏହାକୁ ମ୍ୟାଚ୍ କରି ଚୁଡ଼ି, ଜୁଏଲାରୀ ଏବଂ ହେୟାର ଷ୍ଟାଇଲି କଲେ ଆପଣଙ୍କୁ ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ।

**ସବୁଜ ରଙ୍ଗର ଶାଢ଼ି**

ସବୁଜ ରଙ୍ଗର ଶାଢ଼ି ମହିଳାମାନଙ୍କ ପାଇଁ ଶୁଭ ଏବଂ ସମୃଦ୍ଧିର ପ୍ରତୀକ ଭାବରେ ବିବେଚନା କରାଯାଏ। ଏପରି ପରିସ୍ଥିତିରେ ପାରମ୍ପରିକ ପୋଷାକ ସହିତ ସବୁଜ ରଙ୍ଗର ଶାଢ଼ି ପିନ୍ଧିବା ପାଇଁ ଅଧିକାଂଶ ପସନ୍ଦ କରନ୍ତି। ଏହି ଶାଢ଼ିକୁ ଧୋତି ଷ୍ଟାଇଲ୍ କରି ପିନ୍ଧିବେ। ଏମିତି ପିନ୍ଧିବା ଦ୍ୱାରା ଆପଣଙ୍କ ଚେହେରାକୁ ଅଧିକ ସୁନ୍ଦର କରିଥାଏ। ଏହାକୁ ମ୍ୟାଚିଂଗ୍ କରି ଜୁଏଲାରୀ ସହିତ କେଶକୁ ଗଣ୍ଠି ଷ୍ଟାଇଲ୍‌ର ବାନ୍ଧିନେବେ। ଏହା ଆପଣଙ୍କୁ ଏକ ନିଆରା ଲୁକ୍ ଦେବ।

**ହଳଦିଆ ରଙ୍ଗର ଶାଢ଼ି**

ମକର ସଂକ୍ରାନ୍ତି ଦିନ ହଳଦିଆ କିମ୍ବା ସୁବର୍ଣ୍ଣ ରଙ୍ଗର ପୋଷାକ ପିନ୍ଧିଲେ ଘରେ ଏବଂ ବ୍ୟକ୍ତିଙ୍କ ଭିତରେ ସକାରାତ୍ମକତା ଆଣିଥାଏ। ତେଣୁ ଏହି ଦିନକୁ ସ୍ୱତନ୍ତ୍ର କରିବା ପାଇଁ ଆପଣ ହଳଦିଆ ରଙ୍ଗର ଶାଢ଼ି ମଧ୍ୟ ପିନ୍ଧିପାରିବେ।

**ଗୋଲାପୀ ରଙ୍ଗର ଶାଢ଼ି**

ମକର ସଂକ୍ରାନ୍ତି ଦିନ ଗୋଲାପୀ ରଙ୍ଗ ଶାଢ଼ି ପିନ୍ଧିବା ଭଗବାନ ଶ୍ରୀକୃଷ୍ଣ ଏବଂ ରାଧାରାଣୀଙ୍କୁ ପ୍ରସନ୍ନ କରେ। କୁହାଯାଏ ଯେ ଏହି ରଙ୍ଗ ପିନ୍ଧିବା ଦ୍ୱାରା ଜୀବନରେ ଶାନ୍ତି ଏବଂ ସମୃଦ୍ଧତା ଆସିଥାଏ। ତେବେ ଉତ୍ସବମାନଙ୍କରେ ଏହି ସବୁ ରଙ୍ଗର ଶାଢ଼ି ପିନ୍ଧିବା ଉଚିତ୍। ଏହି ଶାଢ଼ି ଆପଣଙ୍କୁ ଏକ ପାରମ୍ପାରିକ ଉତ୍ସବର ରୂପ ଦେବ।

ରୋଷେଇ ଘରୁ

# ତନ୍ଦୁରି ଚିକେନ୍ କଟ୍‌ଲେଟ୍



**ଆବଶ୍ୟକ ସାମଗ୍ରୀ:** ଚିକେନ୍-୨୫୦ ଗ୍ରାମ୍, ଅଦା ରସୁଣ ପେଷ୍ଟ-୨ଚାମଚ, ଲେମ୍ବୁରସ, ଜିରା, ଲୁଣ, କାଶ୍ମିରୀ ଚିଲ୍ଲି, ଗୋଲମରିଚ ଗୁଣ୍ଡ, ଦହି-୨ଚାମଚ, ବନ୍ଧାକୋବି-୧କପ, ଅଧା କପ ଗାଜର, ଅଧା କପ କ୍ୟାପ୍‌ସିକମ୍, ପିଆଜ-୧କପ, ତନ୍ଦୁରି ମସଲା, ଗରମ ମସଲା, ଧନିଆ ପତ୍ର, କଞ୍ଚାଲଙ୍କା, ସିଝା ଆଳୁ-୨ଟା, ବ୍ରେଡ୍‌କ୍ରମ୍ବସ୍, ମଇଦା-୨ଚାମଚ।

**ପ୍ରଣାଳୀ:** ଚିକେନ୍‌କୁ ଧୋଇ ସେଥିରେ ଅଦା ରସୁଣ ପେଷ୍ଟ, ଦହି, ଜିରା, କାଶ୍ମିରୀ ଚିଲ୍ଲି, ଗରମ ମସଲା, ଗୋଲମରିଚ ଗୁଣ୍ଡ, ଲେମ୍ବୁରସ, ଲୁଣ ଦେଇ ମିଶେଇବେ। ଏହାକୁ ମ୍ୟାରିନେଟ୍ କରି ୧୫ରୁ୨୦ ମିନିଟ୍ ରଖିନେବେ। ପ୍ୟାନ୍‌ରେ ତେଲ ଗରମ ହେଲେ ମ୍ୟାରିନେଟ୍ କରି ରଖିଥିବା ଚିକେନ୍‌କୁ ଭାଜନ୍ତୁ। ଏହାକୁ କିଛି ସମୟ ଭାଜିବା ପରେ ଘୋଡ଼େଇ ନେବେ। ଚିନେକ୍ ସିଝିଯିବା ପରେ ଏହାକୁ ଚାମଚ ସାହାଯ୍ୟରେ ଗୁଣ୍ଡ କରିବେ। ଏଥିରେ କାଟି ରଖିଥିବା ବନ୍ଧାକୋବି, ପିଆଜ, କ୍ୟାପ୍‌ସିକମ୍, ଗାଜର, କଞ୍ଚାଲଙ୍କା ପକାଇ ମିକ୍ସ କରନ୍ତୁ। ସେଥିରେ ସିଝା ଆଳୁ, ଧନିଆପତ୍ର, ତନ୍ଦୁରି ମସଲା, ବ୍ରେଡ୍‌କ୍ରମ୍ବସ୍ ଦେଇ ଭଲ ଭାବେ ମିଶାଇବେ। ଗୋଟିଏ ଗିନାରେ ମଇଦା, ଲୁଣ, ପାଣି ଦେଇ ପତଳା ପେଷ୍ଟ ପ୍ରସ୍ତୁତ କରନ୍ତୁ। ହାତରେ ତେଲ୍ ମାରି କଟ୍‌ଲେଟ୍‌କୁ ଗୋଲାକାର କରି ପେଷ୍ଟରେ ବୁଡ଼ାଇ ବ୍ରେଡ୍‌କ୍ରମ୍ବସ୍‌ରେ ଗଡ଼ାଇ ଛାଣିବେ। କଟଲେଟ୍‌କୁ କ୍ରିସ୍ପ ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଶେଷରେ ଏହାକୁ ଟମାଟୋ ସସ୍, ଚିଲ୍ଲି ସସ୍ ସହିତ ଖାଇପାରିବେ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ, ମୋବାଇଲ୍: ୯୭୭୭୨୫୨୨୪୦

**ମେଷ** – ସପ୍ତାହଟି ଶରୀର ସୁସ୍ଥ ରହିଲେ ମଧ୍ୟ ଦୁର୍ବଳତା ବୋଧ କରିବେ। କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ଅଛି। ଦୂରଯାତ୍ରା କରିପାରନ୍ତି। ଧର୍ମକାର୍ଯ୍ୟରେ ଉତ୍ସାହୀ ହେବେ। ଆୟ ଭଲ ରହିବ। ପ୍ରତିକାର : ପ୍ରତିଦିନ ସକାଳୁ କାଉକୁ ରୁଟି ଦିଅନ୍ତୁ।

**ବୃଷ** – ସପ୍ତାହଟି ବିଭିନ୍ନ ଦିଗରୁ ଉନ୍ନତି ହେବ। ଦେହ ସୁସ୍ଥ ରହିବ। ଶତ୍ରୁମାନଙ୍କ ଦ୍ୱାରା ପରାଜିତ ହେବେ। ଆୟଠାରୁ ବ୍ୟୟ ଅଧିକ ହେବ। ପାରିବାରିକ ଅଶାନ୍ତି ଯୋଗ ରହିଛି। ଶିକ୍ଷାରେ ଅନିୟମିତତା ଲାଗି ରହିବ। ବ୍ୟବସାୟରେ କ୍ଷତି ହୋଇପାରେ। ପ୍ରତିକାର : ପ୍ରତିଦିନ ଶିବ ଦର୍ଶନ କରଣୀୟ।

**ମିଥୁନ** – ସପ୍ତାହଟି ଫଳ ଉତ୍ତମ। ଶତ୍ରମାନେ ପରାଜିତ ହେବେ। କର୍ମକ୍ଷେତ୍ରରେ ସମ୍ମାନ ମିଳିବ। ଲକ୍ଷ୍ୟ ପୂରଣ ହେବ। ପାରିବାରିକ ସୁଖ, ଚାକିରିରେ ସ୍ୱାଧୀନତା। ବ୍ୟବସାୟରେ ଉନ୍ନତି ଯୋଗ ରହିଛି। ପ୍ରତିକାର : ହନୁମାନ ଚାଳିଶା ପାଠ କରଣୀୟ।

**କର୍କଟ** – ସପ୍ତାହଟି କର୍ତ୍ତବ୍ୟ ସୁଚାରୁ ରୂପେ ସମ୍ପାଦନ କରିବେ। ଆୟ ଭଲ ରହିବ। ତେବେ ଅର୍ଥ ସମସ୍ୟା ଲାଗି ରହିବ। ପାରିବାରିକ ଅସନ୍ତୋଷ। ଶିକ୍ଷାରେ ଉତ୍ତମ ଫଳ ଲାଭ ଓ ବ୍ୟବସାୟର ପ୍ରସାର ଘଟିବ। ପ୍ରତିକାର : ଛୋଟ ଛୋଟ ପିଲାଙ୍କୁ ମିଠା ଖାଇବାକୁ ଦିଅନ୍ତୁ।

**ସିଂହ** – ସପ୍ତାହଟି ବାକ୍ ସଂଯମ ଅବଲମ୍ବନ କରନ୍ତୁ। ନଚେତ୍ ଅସମ୍ମାନିତ ହେବେ। ଆୟ ମଧ୍ୟମ ରହିବ। ଶରୀର ସୁସ୍ଥ ରହିବ। ପରିବାରରେ ମାଙ୍ଗଳିକ କାର୍ଯ୍ୟ ସମ୍ପାଦିତ ହେବ। ଚାକରିରେ ପ୍ରତିଷ୍ଠା, ଶିକ୍ଷାରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିବ। ପ୍ରତିକାର : ଅନାଥଙ୍କୁ ସାହାଯ୍ୟ କରନ୍ତୁ।

**କନ୍ୟା** – ସପ୍ତାହଟି ଉତ୍ତମ ଫଳ ପ୍ରାପ୍ତି ହେବ। ଆୟ ଅବ୍ୟାହତ ରହିବ। ଦ୍ରବ୍ୟଲାଭ ଯୋଗ ରହିଛି। ପ୍ରିୟାପ୍ରୀତି ତୋଷଣ, ପାରିବାରିକ ସୁଖ ଓ ଚାକିରିରେ ପଦୋନ୍ନତି ଯୋଗ ରହିଛି। ବ୍ୟବସାୟରେ ଉନ୍ନତି ହେବ। ଦୂରଯାତ୍ରା କରିପାରନ୍ତି। ପ୍ରତିକାର: ପ୍ରତିଦିନ ମା'ଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରନ୍ତୁ।

**ତୁଳା** – ସପ୍ତାହଟି ନାନା କାରଣରୁ ଅସନ୍ତୋଷ ବଢ଼ିବ। ବନ୍ଧନ ଭୟ ରହିଛି। ଦ୍ରବ୍ୟ ନଷ୍ଟ। ପାରିବାରିକ ତିକ୍ତତା। ଚାକିରିରେ ଅସମ୍ମାନିତ ହୋଇପାରନ୍ତି। ବ୍ୟବସାୟରେ କ୍ଷତି ଯୋଗ ରହିଛି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରତିକାର : ମା' ଲକ୍ଷ୍ମୀଙ୍କ ପୂଜା କରଣୀୟ।

**ବିଛା** – ସପ୍ତାହଟି ଶରୀର ସୁସ୍ଥ ରହିବ। କର୍ମକ୍ଷେତ୍ରରେ ଆଗେଇବେ। ବିଭିନ୍ନ ସୂତ୍ରରୁ ଆୟ ଭଲ ରହିବ। ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିବେ। ଚାକିରିରେ ଉତ୍ଥାନ। ବନ୍ଧୁ ସହଯୋଗ ମିଳିବ। ପ୍ରତିକାର : ମା' ଦକ୍ଷିଣ କାଳୀଙ୍କ ପୂଜା କରଣୀୟ।

**ଧନୁ** – ସପ୍ତାହଟି ବ୍ୟୟବହୁଳ। ପ୍ରତିଯୋଗିତାରେ ପରାଜିତ ହେବେ। ବାଧା, ବନ୍ଧନ ଭୟ ରହିଛି। ଯାନବାହନରେ ସତର୍କତା ଅବଲମ୍ବନ କରନ୍ତୁ। କର୍ମକ୍ଷେତ୍ରରେ ଉପରିସ୍ଥ ଅଧିକାରୀଙ୍କ କୃପାଲାଭ କରିବେ। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ପ୍ରତିକାର : ଶନିଦେବଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମକର** – ସପ୍ତାହଟି ଆୟଠାରୁ ବ୍ୟୟ ଅଧିକ ହେବ। ବନ୍ଧୁବାନ୍ଧବ ସାହାଯ୍ୟ ସହଯୋଗ କରିବେ। ଚାକିରିରେ ପଦୋନ୍ନତି, ସମ୍ମାନ ମିଳିବ। ବ୍ୟବସାୟରେ ଉତ୍ତମ ଲାଭ ହେବ। ମହିଳାମାନେ ଧର୍ମପରାୟଣା ହେବେ। ଦୂରସ୍ଥାନକୁ ଯାତ୍ରା କରିବା ସୁଯୋଗ ରହିଛି। ପ୍ରତିକାର : ପ୍ରତିଦିନ ଜଗନ୍ନାଥଙ୍କୁ ପ୍ରାର୍ଥନା କରନ୍ତୁ।

**କୁମ୍ଭ** – ସପ୍ତାହଟି ଶରୀର ସୁସ୍ଥ ରହିବ। ବୃଥା ଭ୍ରମଣ ଯୋଗ ରହିଛି। କର୍ମସ୍ଥଳରେ ସ୍ୱାଧୀନତା ବଢ଼ିବ। ବନ୍ଧୁମିଳନ ଯୋଗ ରହିଛି। ଗୃହକାର୍ଯ୍ୟ ସମ୍ପାଦନ କରିବେ। ଚାକିରିରେ ପ୍ରଶଂସା ଲାଭ କରିବେ। ପ୍ରତିକାର : ଶନିବାର ଦିନ ଶିବଙ୍କୁ ପୂଜାର୍ଚ୍ଚନା କରନ୍ତୁ।

**ମୀନ** – ସପ୍ତାହଟି ବିଭିନ୍ନ କ୍ଷେତ୍ରରେ ଅର୍ଥବ୍ୟୟ ଯୋଗ ରହିଛି। ନୈରାଶ୍ୟ ଓ ଦ୍ରବ୍ୟହାନି ହୋଇପାରେ। ଛାତ୍ରଛାତ୍ରୀ ପାଠରେ ମନୋନିବେଶ କରିବେ। ମହିଳାମାନେ ଧର୍ମପରାୟଣା ହେବେ। ବନ୍ଧୁ ସହଯୋଗ ଲାଭ କରିବେ। ଋଣ କରିପାରନ୍ତି। ପ୍ରତିକାର : ବିଷ୍ଣୁ ଭଗବାନଙ୍କୁ ପୂଜାର୍ଚ୍ଚନା କରନ୍ତୁ।

ପର୍ଯ୍ୟଟନ

# ତ୍ରିବେଣୀ ସଙ୍ଗମ







କୁଳୁକୁଳୁ ନାଦରେ ବହିଯାଉଛି ଗଙ୍ଗାର ଧାରା। ସାଙ୍ଗରେ ମିଶିଛି ଯମୁନା ନୀର। ମାତ୍ର ଦେଖିବାକୁ ମିଳୁନି ସରସ୍ୱତୀର ସୁଅ। ଏହିତିନି ନଦୀର ମିଳନସ୍ଥଳ ତ୍ରିବେଣୀ ସଙ୍ଗମ ପାଲଟିଛି ଦେଶବାସୀଙ୍କ ବିଶ୍ୱାସର ସଙ୍ଗମ। କେବଳ ଭାରତ କାହିଁକି, ବିଦେଶରୁ ମଧ୍ୟ ଲକ୍ଷାଧିକ ଶ୍ରଦ୍ଧାଳୁ ତ୍ରିବେଣୀରେ ବୁଡ଼ ପକାଇବାକୁ ଧାଇଁ ଆସୁଛନ୍ତି। ଆଉ ଏଥର ୧୨ ବର୍ଷରେ ଥରେ ପଡୁଥିବା ମହାକୁମ୍ଭରେ ମହାସ୍ନାନ କରିବାକୁ ଗହଳି ଚହଳି ଦେଖିବାକୁ ମିଳିଛି। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ପ୍ରୟାଗରାଜରେ ଡେରା ପକାଇଛନ୍ତି। ସମସ୍ତଙ୍କ ମନରେ ଭରି ରହିଛି ଭକ୍ତି ଓ ବିଶ୍ୱାସ।

ହିନ୍ଦୁଧର୍ମର ବିଶ୍ୱାସ ଅନୁଯାୟୀ ମହାକୁମ୍ଭ ସ୍ନାନ ଦ୍ୱାରା ପାପ କ୍ଷୟ ହୁଏ। ଏହା ମୋକ୍ଷ ପ୍ରାପ୍ତିର ମାର୍ଗ। ଜ୍ୟୋତିଷ ଶାସ୍ତ୍ର ମତରେ ମକର ସଂକ୍ରାନ୍ତି ଠାରୁ ମହାଶିବରାତ୍ରି ପର୍ଯ୍ୟନ୍ତ ମହାକୁମ୍ଭ ସ୍ନାନ ଆଧ୍ୟାତ୍ମିକ, ଶାରୀରିକ ଓ ମାନସିକ ଶକ୍ତିର ବିକାଶ କରିଥାଏ। ଶ୍ରଦ୍ଧାଳୁମାନେ ଗଙ୍ଗାଜଳରେ ସ୍ନାନ କରିବା ଦ୍ୱାରା ଜଳ, ବାୟୁମଣ୍ଡଳ ତଥା ସମଗ୍ର ଅଞ୍ଚଳରେ ଆଧ୍ୟାତ୍ମିକ ଶକ୍ତିର ସତ୍ତା ଅନୁଭବ କରନ୍ତି। କୁମ୍ଭମେଳାରେ ଯୋଗଦେଲେ ସ୍ୱତଃ ମାନସିକ, ଶାରୀରିକ ଓ ବୌଦ୍ଧିକ ଅଭିବୃଦ୍ଧି ହୋଇଥାଏ। ଏହା ହିଁ ମୋକ୍ଷର ମାର୍ଗ। କୁମ୍ଭସ୍ନାନର ଶ୍ରେଷ୍ଠ ଦିବସ ଭାବେ ପରିଗଣିତ ହେଉଥିବା ମୌନୀ ଅମାବାସ୍ୟାରେ ସ୍ନାନ କଲେ ଅମାପ ଆଧ୍ୟାତ୍ମିକ ଶକ୍ତି ମିଳିଥାଏ। ଗଙ୍ଗାର ପବିତ୍ର ଜଳ ମକର ସଂକ୍ରାନ୍ତି ସମୟରେ ଆଧ୍ୟାତ୍ମିକ ଶକ୍ତି ଦ୍ୱାରା ଶକ୍ତିଶାଳୀ ହୋଇଥାଏ। ଏହି ସମୟରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଲେ ଅମୃତର ସ୍ୱାଦ ଅର୍ଥାତ ଐଶ୍ୱରିକ ସତ୍ତାର ଉପଲବ୍ଧି ମିଳେ ବୋଲି ଲୋକଙ୍କର ବିଶ୍ୱାସ ରହିଛି। କୁମ୍ଭସ୍ନାନ ଦ୍ୱାରା ଧର୍ମ, ଅର୍ଥ, କାମ ଓ ମୋକ୍ଷ ମିଳିଥାଏ। କୁମ୍ଭ ପବର୍ପରେ ବିଧିବିଧାନ ପୂର୍ବକ ସ୍ନାନ ଓ ଦାନ ଆଦି କଲେ ଶତ ଅଶ୍ୱମେଧ ଯଜ୍ଞର ଫଳପ୍ରାପ୍ତି ହୁଏ। ତେଣୁ ପ୍ରତିବର୍ଷ ପ୍ରାୟ ୨୦ରୁ ୨୨ କୋଟି ଲୋକ ଏଠାକୁ ଆସିଥାନ୍ତି। ଏ ବର୍ଷ ମହାକୁମ୍ଭ ମେଳା ଅନୁଷ୍ଠିତ ହେଉଥିବାରୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୪୦ କୋଟି ଟପିଯିବାର ସମ୍ଭାବନା ରହିଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ସଙ୍ଗମସ୍ଥଳରେ ରାଜକୀୟ ସ୍ନାନ ଓ ଦର୍ଶନ ନିମନ୍ତେ ଦେଶର ବିଭିନ୍ନ ପ୍ରାନ୍ତରୁ ଲକ୍ଷ ଲକ୍ଷ ସାଧୁ, ସନ୍ଥ, ବାବାଜୀ, ମହନ୍ତ, ଧର୍ମଗୁରୁ ଓ ନାଗା ସାଧୁଗଣ ଆସିବାକୁ ଥିବାରୁ ଗଙ୍ଗା ନଦୀ ଭିତରେ ଯଜ୍ଞ ପାଇଁ ସ୍ଥାନ ଚିହ୍ନଟ କରାଯାଉଛି। କିଏ କେଉଁଠୁ ଆସିଲେ କେଉଁ ସ୍ଥାନରେ ଯଜ୍ଞ କରିବେ, ତାହାର ବ୍ୟବସ୍ଥା ହୋଇଛି। ଏଥର ପ୍ରାୟ ୨ଲକ୍ଷ ସାଧୁସନ୍ଥ ସାମିଲ ହେବାକୁ ଥିବାରୁ ୬ ହଜାର ଯଜ୍ଞସ୍ଥଳ କରାଯିବ। ଉତ୍ତର ପ୍ରଦେଶ ସାଧୁସନ୍ଥଙ୍କ ପାଇଁ ଅଲଗା ଯଜ୍ଞସ୍ଥଳ ହେଉଛି। ମହାକୁମ୍ଭ ମେଳାରେ ଏଥର ପ୍ରାୟ ୪୦ କୋଟି ଶ୍ରଦ୍ଧାଳୁଙ୍କ ସମାଗମ ହେବ ବୋଲି ଆକଳନ କରାଯାଉଛି। ୨୦୨୩ରେ ପ୍ରାୟ ୨୩ କୋଟି ଶ୍ରଦ୍ଧାଳୁ ଆସିଥିବାରୁ ଏଥର ସଂଖ୍ୟା ବଢ଼ିବ ବୋଲି କୁହାଯାଉଛି। ବିଶେଷକରି ସଙ୍ଗମସ୍ଥଳରେ ଅଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ବୁଡ଼ ପକାଇବାକୁ ଥିବାରୁ ସେଠାରେ ୬ ହଜାର ନାବିକଙ୍କୁ ନିୟୋଜିତ କରାଯିବ। ୪୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହାଯଜ୍ଞକୁ ପ୍ରତିଦିନ ଲକ୍ଷ ଲକ୍ଷ ଲୋକଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତି ଚାଲିଛି। ଏକ ସମ୍ପୂର୍ଣ୍ଣ ନୂଆ ସହର ଛିଡ଼ା କରାଯାଉଛି। ସହରର ବିଭିନ୍ନ ପ୍ରକଳ୍ପ ପାଇଁ ୭ ହଜାର କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ପ୍ରସ୍ତୁତି ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ଅଯୋଧ୍ୟା, ବାରାଣସୀ, ରାୟବରେଲୀ ଓ ଲକ୍ଷ୍ନୌ ଭଳି ସହରକୁ ପ୍ରୟାଗରାଜର ଯୋଗାଯୋଗରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱ ଦିଆଯାଉଛି।

ପ୍ରୟାଗରାଜରେ ଅକ୍ଷୟ ବଟ କରିଡ଼ର, ହନୁମାନ ମନ୍ଦିର କରିଡ଼ର ଓ ଭରଦ୍ୱାଜ ଋଷି ଆଶ୍ରମ କରିଡ଼ର ହେଉଛି, ଯାହାକି ଶ୍ରଦ୍ଧାଳୁଙ୍କୁ ଭିନ୍ନ ଅନୁଭୂତି ଦେବ। ଏଥିସହ ତୀର୍ଥଯାତ୍ରୀଙ୍କ ପାଇଁ ସରସ୍ୱତୀ କୂପ, ପାତାଳପୁରୀ, ନାଗବାସୁକି ଓ ଦ୍ୱାଦଶ ମାଧବ ମନ୍ଦିର ଭଳି ସ୍ଥାନର ଉନ୍ନତୀକରଣ କରାଯାଇଛି। ହିନ୍ଦୁ ଆଧ୍ୟାତ୍ମିକ ଚେତନାରେ ତ୍ରିବେଣୀରେ ପୁଣ୍ୟର ଗୁରୁତ୍ୱ ରହିଛି। ବିଶେଷକରି ମହାକୁମ୍ଭରେ ମହାସ୍ନାନ କରିବା ପାଇଁ ହିନ୍ଦୁ ଧର୍ମ ବିଶ୍ୱାସୀଙ୍କ ଭକ୍ତି ଅତୁଟ। ତେଣୁ ବିଶ୍ୱାସର ସଙ୍ଗମ କୁହାଯାଉଥିବା ଏହି ତ୍ରିବେଣୀ ସଙ୍ଗମ ଆମ ଆଧ୍ୟାତ୍ମିକ ଜୀବନକୁ ରାସ୍ତା ଦେଖାଉ ଏହା ହିଁ କାମନା।

**ଗିରିଧାରୀ ସାମଲ**
**ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,**
**ଦୂରଭାଷ : ୯୪୩୭୪୫୦୧୧୪**
E-mail : giridharisamal009@gmail.com





ମନୋରଞ୍ଜନ

# ତିନି ପିଢ଼ିର କାହାଣୀ: ଦି ରୋଶନ୍ସ



ବଲିଉଡ୍ ସୁପରଷ୍ଟାର୍ ହ୍ରିତିକ ରୋଶନ ଓ ତାଙ୍କ ପରିବାରର କାହାଣୀ ବିଷୟରେ ପ୍ରାୟତଃ ଅଧିକାଂଶ ଲୋକ ଜାଣିଥିବେ। ପରିବାରର ସଂଘର୍ଷ ଓ ସଫଳତାର କାହାଣୀ ପ୍ରାୟତଃ ଅନେକ ସାକ୍ଷାତକାର ଓ ଶୋ'ରେ ଆମେମାନେ ଶୁଣିଥିବା। କିନ୍ତୁ ଏବେ ସେମାନଙ୍କର ଜୀବନ ବିଷୟରେ ଅଧିକ ଜାଣିବା ପାଇଁ ସୁଯୋଗ ଆସିଛି। କାରଣ ନେଟ୍‌ଫ୍ଲିକ୍ସରେ ରିଲିଜ ହେବ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ଯାହାର ଟ୍ରେଲର୍ ଲଞ୍ଚ କରାଯାଇଛି। ଅଭିନେତା ହ୍ରିତିକ ରୋଶନ, ତାଙ୍କ ପିତା ରାକେଶ ରୋଶନ ଓ ତାଙ୍କ ଦାଦା ରାଜେଶ ରୋଶନଙ୍କ ଜୀବନୀ ଉପରେ ନିର୍ମିତ ଏହି ଡକ୍ୟୁସିରିଜରେ ତାଙ୍କ ପରିବାରର ଅତୀତରୁ ଆରମ୍ଭ କରି ଆଜିର ସମୟ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି। ହ୍ରିତିକ ତାଙ୍କ ଜେଜେବାପାଙ୍କ ବିଷୟରେ ସମସ୍ତଙ୍କୁ କହୁଛନ୍ତି କିପରି ସେ ଏକ ସମୟରେ ଫିଲ୍ମ ଇଣ୍ଡଷ୍ଟ୍ରିରେ ଜଣେ ଜଣାଶୁଣା ମ୍ୟୁଜିକ୍ ନିର୍ଦ୍ଦେଶକ ମଧ୍ୟରୁ ଅନ୍ୟତମ ଥିଲେ। ଟ୍ରେଲର୍‌ରେ ଆଗକୁ ଆଶା ଭୌଁସଲେ, ସୋନୁ ନିଗମ, ଅନିଲ୍ କପୁରଙ୍କ ପରି ଅନେକ ଅଭିଜ୍ଞସମ୍ପନ୍ନ ସଙ୍ଗୀତଜ୍ଞଙ୍କୁ ଦେଖିବାକୁ ମିଳୁଛି। ଏମାନେ ରୋଶନ ପରିବାରର ଲିଗାସୀ ସମ୍ପର୍କରେ କଥା ହେଉଛନ୍ତି। ତେବେ ଏଥିରୁ ଦର୍ଶକମାନେ ରୋଶନ ପରିବାର ବିଷୟରେ ଅଧିକ ଜାଣିପାରିବେ। ୧୭ ଜାନୁଆରୀରେ ନେଟ୍‌ଫ୍ଲିକ୍ସରେ ଏହାକୁ ଷ୍ଟ୍ରିମ୍ କରାଯିବ।






# ଅଲ୍ଲୁଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ

ଏ ସମୟରେ ବଲିଉଡ୍ ଓ ଦକ୍ଷିଣ ଭାରତୀୟ ଫିଲ୍ମ ଇଣ୍ଡଷ୍ଟ୍ରିରେ ସବୁଠାରୁ ଅଧିକ ଚାହିଦା ଯଦି କେଉଁ କଳାକାରଙ୍କର ଥାଏ ତେବେ ସେ ହେଉଛନ୍ତି ଅଭିନେତା ଅଲ୍ଲୁ ଅର୍ଜୁନ। ଫିଲ୍ମ 'ପୁଷ୍ପା-୨' ପୂରା ଦୁନିଆରେ ଆୟ କରିଛି ୧୮୩୦ କୋଟି। ଏହାପରେ ତ୍ରିବିକ୍ରମଙ୍କ ସହିତ ମିଶି କିଛି ବଡ଼ ଯୋଜନା କରୁଛନ୍ତି ଅଲ୍ଲୁ। ଏବେ ବଲିଉଡ୍‌ରେ ଶାନ୍‌ଦାର ଉପାୟରେ ଅଲ୍ଲୁ ଏଣ୍ଟ୍ରି କରିବେ। ଅଲ୍ଲୁ ତାଙ୍କର ଆଗାମୀ ଫିଲ୍ମର ସୁଟିଂ ଆରମ୍ଭ କରିବା ପୂର୍ବରୁ ଏକ ଲମ୍ବା ବ୍ରେକ୍ ନେବେ ବୋଲି କହିଛନ୍ତି। ଏହାପରେ ପରବର୍ତ୍ତୀ ପ୍ରୋଜେକ୍ଟ ଉପରେ କାମ କରିବେ ଅଲ୍ଲୁ। ଖବର ଅନୁସାରେ ଅଲ୍ଲୁ ମୁମ୍ବାଇ ଯାଇଥିଲେ ପ୍ରସିଦ୍ଧ ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଂସାଲୀଙ୍କ ସହିତ ସାକ୍ଷାତ କରିବାକୁ। ଏ ସମୟରେ ସେ ଅଲ୍ ବ୍ଲାକ୍ ଲୁକ୍‌ରେ ନଜର ଆସିଥିଲେ। ତେବେ ପ୍ରୋଜେକ୍ଟ ବିଷୟରେ ଜାଣିବା ପାଇଁ ଦର୍ଶକମାନେ ଅପେକ୍ଷାରେ ରହିଛନ୍ତି। ଏହା ବ୍ୟତୀତ କରଣ ଜୋହର ମଧ୍ୟ ଏକ ପ୍ରୋଜେକ୍ଟକୁ ନେଇ ଅଲ୍ଲୁଙ୍କ ସହିତ କଥାବାର୍ତ୍ତା କରୁଛନ୍ତି। ଏଥିରେ ରାମ ଚରଣଙ୍କୁ ମଧ୍ୟ ନେବାକୁ ଚାହୁଁଛନ୍ତି କରଣ। ଏ ସମୟରେ ରନ୍‌ବୀର କପୁର, ଭିକି କୌଶଲ୍ ଓ ଆଲିଆ ଭଟ୍ଟଙ୍କ ସହିତ ଫିଲ୍ମ 'ଲଭ୍ ଆଣ୍ଡ ୱାର୍' ଉପରେ କାମ କରୁଛନ୍ତି ସଞ୍ଜୟ ଲୀଳା ଭଂସାଲୀ। ଫିଲ୍ମଟି ଆସନ୍ତା ବର୍ଷ ସିନେମା ଘରଗୁଡ଼ିକରେ ରିଲିଜ ହେବ। ଫିଲ୍ମଟିର ସୁଟିଂ ଚାଲିଛି।

# ନିର୍ଦ୍ଦେଶକ ସୋନୁ



ନିଜର ଅଭିନୟ ଜରିଆରେ ଲୋକମାନଙ୍କୁ ମନୋରଞ୍ଜନ କରଉଥିବା ଅଭିନେତା ସୋନୁ ସୁଦ୍ ଏବେ ନିର୍ଦ୍ଦେଶକ ଭାବରେ ଡେବ୍ୟୁ କରିଛନ୍ତି। ଫିଲ୍ମ 'ଫତେହ'ର ନିର୍ଦ୍ଦେଶକ ଭାବରେ ଦାୟିତ୍ୱ ତୁଲେଇବା ସହିତ ସୋନୁ ଏଥିରେ ମୁଖ୍ୟ ଭୂମିକାରେ ମଧ୍ୟ ଅଭିନୟ କରିଛନ୍ତି। ନିଜର ଡାଇରେକ୍ଟୋରିଆଲ୍ ଡେବ୍ୟୁରେ ସୋନୁ ଆକ୍ସନ୍ ଓ ଇମୋସନ୍‌ରେ ଭରପୂର ଏହି ଫିଲ୍ମଟି ଦର୍ଶକମାନଙ୍କ ସମ୍ମୁଖରେ ପେଶ୍ କରିଛନ୍ତି। ଯଦି ଆପଣମାନେ ଅନ୍ତରାଷ୍ଟ୍ରୀୟ ଆକ୍ସନ୍ ଫିଲ୍ମଗୁଡ଼ିକର ପ୍ରଶଂସକ ତେବେ ଏହି ଫିଲ୍ମଟି ନିଶ୍ଚିତ ଭାବରେ ପସନ୍ଦ ଆସିବ। କାରଣ ଫିଲ୍ମଟି ଗୋର୍ କରିକ ନାହିଁ। କାହାଣୀ ଅନୁସାରେ ଫତେହ (ସୋନୁ ସୁଦ୍) ଜଣେ ଅବସରପ୍ରାପ୍ତ ସ୍ପେଶାଲ୍ ଅପ୍ସ ଅଫିସର୍। ସେ ତାଙ୍କ ଅତୀତକୁ ପଛରେ ଛାଡ଼ି ପଞ୍ଜାବର ଏକ ଗ୍ରାମରେ ଶାନ୍ତିପୂର୍ଣ୍ଣ ନୂଆ ଜୀବନ ବିତାଉଛନ୍ତି। କିନ୍ତୁ ଯେତେବେଳେ ଜଣେ ଝିଅ ସାଇବର୍ କ୍ରାଇମ୍‌ର ଶିକାର ହେଉଥିବାର ସେ ଦେଖୁଛନ୍ତି ସୋନୁ ପୁଣି ଥରେ ପୁରୁଣା ଜୀବନକୁ ଫେରି ଯାଉଛନ୍ତି। ମୁର୍ଖିଲରେ ଭରା ପୁରୁଣା ସମୟରେ ତାଙ୍କର ସାଥ୍ ଦେଉଛନ୍ତି ଖୁସି (ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିସ୍)। ଖୁସି ଜଣେ ପ୍ରତିଭାଶାଳୀ ଏଥିକାଲ୍ ହ୍ୟାକର୍। ଏ ଦୁଇ ଜଣ ମିଶି ସାଇବର କ୍ରାଇମ୍ କରୁଥିବା କ୍ରିମିନାଲ୍ ଗ୍ୟାଙ୍ଗକୁ ଶିକ୍ଷା ଦେବାକୁ ଚାହୁଁଛନ୍ତି। ଏହା ସହିତ ଫତେହ ଭିତରେ ଲୁଚି ରହିଥିବା ଭୟ ଓ ଅତୀତର ବିଷାକ୍ତ ସ୍ମୃତିକୁ ଫିଲ୍ମଟିରେ ପେଶ୍ କରାଯାଇଛି। ଏଥିରେ ରହିଛି ହାଇ-ଆକ୍ସନ ଚେଜ୍ ଦୃଶ୍ୟ।



# ଜୟସେନଙ୍କ ଯାତ୍ରା



ଛୋଟ ଏକ ଗାଁରୁ ନୂତନ ଆଶା, ଉଦ୍ଦୀପନା, ଦୃଢ଼ ଇଚ୍ଛା, ଅସୀମ ସାହସର ସହିତ ଆସି ଫିଲ୍ମି ଜଗତରେ ଅନନ୍ୟ ପ୍ରତିଭାର ଅଧିକାରୀ ହୋଇପାରିଛନ୍ତି ଜୟସେନ। ସେ ଜଣେ ସ୍କ୍ରିପ୍ଟ ଲେଖକ ତଥା ନିର୍ଦ୍ଦେଶକ ଯିଏ ଓଡ଼ିଶା ଚଳଚ୍ଚିତ୍ର ଜଗତରେ ଚହଳ ପକାଇଛନ୍ତି। ତାଙ୍କ ପାଇଁ ଏହି ରାସ୍ତା କେବେ ମଧ୍ୟ ଫୁଲର ଶେଜ ନ ଥିଲା ବରଂ ଥିଲା କଣ୍ଟକିତ। ମୁମ୍ବାଇରେ ଥିବା ସମୟରେ ନୃତ୍ୟ ପ୍ରତି ଥିଲା ତାଙ୍କର ଦୁର୍ବଳତା। ବିଶିଷ୍ଟ ନୃତ୍ୟଶିଳ୍ପୀ ଶ୍ରୀକାନ୍ତ ଆହିରେ, ଧର୍ମେଶ ଓ ନଟୀଙ୍କ ସହିତ ସୋନି ଟିଭିରେ ପ୍ରସାରିତ ତଥା ଅନ୍ୟାନ୍ୟ ଶୋ'ରେ ପରଦା ଉପରେ ନୃତ୍ୟରେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ମହାରାଷ୍ଟ୍ର ପୁରସ୍କାର ମଧ୍ୟ ସେ ପ୍ରାପ୍ତ କରିଥିଲେ। ଓଡ଼ିଶାକୁ ଫେରି ଆସିବା ପରେ ଆସାମ, ତାମିଲନାଡୁ, କେରଳ ଓ ପଶ୍ଚିମବଙ୍ଗରେ ଚଳଚ୍ଚିତ୍ର ନିର୍ମାଣ ସହିତ ଜଣେ ସହଯୋଗୀ ରୂପେ କାର୍ଯ୍ୟ କରିବା ସହିତ ନିଜର ଅଭିଜ୍ଞତା ବଢାଇ ଚାଲିଥିଲେ ଜୟସେନ। ଓଡ଼ିଶା ଚଳଚ୍ଚିତ୍ର ଜଗତ ପାଇଁ କିଛି ନୂତନ କରିବାର ଚିନ୍ତାଧାରା ହିଁ ତାଙ୍କୁ ଅନ୍ୟମାନଙ୍କ ଠାରୁ ପୃଥକ୍ କରିଛି। ଏହି ଚଳଚ୍ଚିତ୍ର ଜଗତକୁ ସେ ପ୍ରବେଶ କରିଥିଲେ 'ଲଭ ୟୁ ପ୍ରିୟା' ଜରିଆରେ। ଧାରାତ୍ମକ ଚଳଚ୍ଚିତ୍ର ମଧ୍ୟରେ ନିଜକୁ ବୁଡାଇ ରଖିବାକୁ ଚାହୁଁନଥିଲେ ଜୟସେନ। ଓଡ଼ିଶାରେ ଐତିହାସିକ ପୃଷ୍ଠଭୂମି ଉପରେ ଚଳଚ୍ଚିତ୍ର ନିର୍ମାଣ କରିବା ଥିଲା ତାଙ୍କର ମୂଳ ଲକ୍ଷ୍ୟ। ଓଡ଼ିଶାର କଳା, ସଂସ୍କୃତିକୁ ଉଜ୍ଜୀବିତ କରି ରଖିବା ପାଇଁ ତଥା ଇତିହାସର ମହାପୁରୁଷମାନଙ୍କୁ ପ୍ରଚ୍ଛଦପଟରେ ଉପସ୍ଥାପିତ କରିବା ପାଇଁ ସେ ପ୍ରଥମେ ଚୟନ କରିଛନ୍ତି ପାଇକ ବିପ୍ଳବୀ 'ଜୟୀ ରାଜଗୁରୁ'ଙ୍କୁ। ଏହିପରି ଜଣେ ବୀରଙ୍କ କାହାଣୀକୁ ନେଇ ସେ ନିଜର ନିର୍ଦ୍ଦେଶନାରେ ନିର୍ମାଣ ଚଲେଇଛନ୍ତି ଚଳଚ୍ଚିତ୍ର 'ଜୟୀ ରାଜଗୁରୁ'। ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ସୁଦୂର କୋରାପୁଟକୁ ଚଳଚ୍ଚିତ୍ରର ପୃଷ୍ଠଭୂମି ଭାବରେ ଚୟନ କରିବା ସହିତ ସ୍ଥାନୀୟ କଳାକାରଙ୍କୁ ନେଇ ଚଳଚ୍ଚିତ୍ରଟି ନିର୍ମାଣ ହୋଇଛି। ଏତିକିରେ ସେ ଅଟକି ଯାଇନାହାନ୍ତି। ଚକରା ବିଷୋୟୀ, ଲକ୍ଷ୍ମଣ ନାୟକ, ଝାନ୍ସି ରାଣୀ, ସୁବାଷ ଚନ୍ଦ୍ର ବୋଷ ଆଦି ବୀରମାନଙ୍କ କାହାଣୀକୁ ନେଇ ଆଗାମୀ ଯୋଜନା ପ୍ରସ୍ତୁତି ଆରମ୍ଭ ହୋଇ ସାରିଛି। ଉପଯୁକ୍ତ ପୃଷ୍ଠପୋଷକତା ମିଳିଲେ ସେହି ଦିଗରେ ଆଗେଇ ଯିବାର ଯୋଜନା ସହିତ ଲୋକମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ହେଉଛି ଜୟସେନଙ୍କ ମୂଳ ଲକ୍ଷ୍ୟ।

# 'ଗେମ୍ ଚେଞ୍ଜର' ରିଭ୍ୟୁ



୨୦୨୨ରେ ନିର୍ଦ୍ଦେଶକ ଏସ୍‌ଏସ୍ ରାଜାମୌଳୀଙ୍କ ଫିଲ୍ମ 'ଆରଆରଆର' ଜରିଆରେ ରାମ ଚରଣ ପୂରା ଦୁନିଆର ଦର୍ଶକମାନଙ୍କୁ ଆକର୍ଷିତ କରିଥିଲେ। ଏବେ ପାଖାପାଖି ତିନି ବର୍ଷ ପରେ ସେ ନିର୍ଦ୍ଦେଶକ ଏସ୍ ଶଙ୍କରଙ୍କ ଫିଲ୍ମ 'ଗେମ୍ ଚେଞ୍ଜର' ଜରିଆରେ ପୁଣି ଥରେ ଫିଲ୍ମ ଦୁନିଆକୁ ଫେରିଛନ୍ତି। ରାମ ଚରଣଙ୍କ ସହିତ ଏହି ଫିଲ୍ମରେ ଅଛନ୍ତି ବି ଟାଉନ୍ ଅଭିନେତ୍ରୀ କିୟାରା ଆଡ୍‌ଭାନୀ। ଫିଲ୍ମଟିର ଆରମ୍ଭ ହୋଇଛି ରାମ ଚରଣଙ୍କ ଶାନ୍ଦାର ଏଣ୍ଟ୍ରି ସହିତ। ଜଣେ ଆଇଏଏସ୍ ଅଫିସର ରାମ ନନ୍ଦନଙ୍କ ଭୂମିକାରେ ନଜର ଆସୁଛନ୍ତି ରାମ ଚରଣ। ତାଙ୍କ ବ୍ୟତୀତ ଅନ୍ୟ କଳାକାରମାନଙ୍କୁ ନେଇ ଫିଲ୍ମରେ ଟ୍ୱିଷ୍ଟ ରହିଛି ଯାହା ଫିଲ୍ମ ଦେଖିବା ପରେ ଜଣାପଡ଼ିବ। ଏଥର ରାମ ଚରଣ ଡବଲରୋଲ୍ ଠାରୁ ଅଧିକ ଅନୋଖା ଧମାଲ୍ କରୁଥିବାର ଦେଖିବାକୁ ମିଳୁଛି। ଅଭିନେତା ଜେଏସ୍ ସୂର୍ଯ୍ୟା ଜଣେ ଖଳନାୟକ ଚରିତ୍ରରେ ଧଳା କପଡ଼ା ପିନ୍ଧି ରାଜନୀତି ଜରିଆରେ ଭ୍ରଷ୍ଟାଚାରର ଦୁନିଆକୁ ପରିଚାଳିତ କରୁଛନ୍ତି। ଏହା ଉପରୁ ପରଦା ଉଠାଇବା ଓ ତାଙ୍କର କଳା କାରନାମାଗୁଡ଼ିକୁ ନେଇ ଫିଲ୍ମର କାହାଣୀ ଆଧାରିତ। ଫିଲ୍ମଟିରେ ରାଜନୈତିକ ଡ୍ରାମା ବ୍ୟତୀତ ଅନେକ ରହସ୍ୟ, ମାରଧର, ଆକ୍ସନ ଓ ରୋମାନ୍ସ ଭରି ରହିଛି। ରାମ ଚରଣ ଓ କିୟାରାଙ୍କ ଅନ୍‌ସ୍କ୍ରିନ କେମିଷ୍ଟ୍ରି ଏଥିରେ ଦେଖିବାକୁ ମିଳୁଛି। ଏହା ପୂର୍ବରୁ ଜଣେ ନିର୍ଦ୍ଦେଶକ ଭାବରେ ଏସ୍ ଶଙ୍କରଙ୍କ ମୁଭି 'ଇଣ୍ଡିଆନ୍-୨' ରିଲିଜ ହୋଇଥିଲା। କିନ୍ତୁ ଫିଲ୍ମଟି ଫ୍ଲପ୍ ହୋଇଥିଲା। ଅତୀତରେ ସେ ଫିଲ୍ମ ନାୟକ, ରୋବୋଟ୍ ଓ ଅପରିଚିତ ପରି ଫିଲ୍ମଗୁଡ଼ିକ ଜରିଆରେ ଦର୍ଶକମାନଙ୍କ ହୃଦୟକୁ ଜିତିପାରିଥିଲେ। 'ଗେମ୍ ଚେଞ୍ଜର' ଜରିଆରେ ଶଙ୍କର ପୁରା ଇତିହାସକୁ ରିପିଟ୍ କରିବାକୁ ଚେଷ୍ଟା କରିଛନ୍ତି।





# ପିଲା ବୟସର ଚପଳତା ହଜିଯାଉଛି



ବସ୍ତୁବାଦୀ ଦୁନିଆରେ ଧନବାନ ହେବାର ଲାଳସା କେବଳ ବୟସ୍କ ନୁହେଁ, ଚପଳ ଶିଶୁଙ୍କୁ ମଧ୍ୟ ଅଣାୟତ୍ତ କରିଛି। ଘରେ, ବାହାରେ ଯେଉଁଠି ଦେଖନ୍ତୁ, ପିଲାଙ୍କ ଚପଳତା ହଜିଗଲାଣି। ବାଲିଘର କରି ଖେଳିବା ବୟସରେ ସେମାନେ ବଡ଼ଲୋକ ହେବାର ସ୍ୱପ୍ନରେ ଏମିତି ମସଗୁଲ ଯେ ଯନ୍ତ୍ରବତ୍ ହୋଇଯାଉଛି ସେମାନଙ୍କ ଜୀବନ। ବୟସ ବଢ଼ିବା ସହିତ ଯେତେବେଳେ ସ୍ମୃତି ପଖାଳିବାର ଅବସର ଆସେ ସେତେବେଳକୁ କିଛି ନଥାଏ ପାଖରେ।

ଆଜିକାଲି ଖବରକାଗଜ ଓଲଟାନ୍ତୁ ଅବା ଟିଭି ଖୋଲନ୍ତି, ଅଧିକାଂଶ ବିଜ୍ଞାପନର ଆକର୍ଷଣ ହିଁ ଥାନ୍ତି ଶିଶୁମାନେ। ସେମାନଙ୍କ ଅଭିନୟ ଓ କୃତ୍ରିମ କାର୍ଯ୍ୟକଳାପ ଦର୍ଶକଙ୍କୁ ଏମିତି ଆକର୍ଷିତ କରିଥାଏ ଯେ ସେମାନେ ଦର୍ଶକଙ୍କ ପାଇଁ ଆଦର୍ଶ ପାଲଟି ଯାଆନ୍ତି ତ' ସେମାନଙ୍କ ଦ୍ୱାରା ବିଜ୍ଞାପିତ ସାମଗ୍ରୀ ପ୍ରତି ସମସ୍ତଙ୍କର ଆଗ୍ରହ ବଢ଼ିଯାଏ। ଏହାର ପଶ୍ଚାତ୍ ଭାଗରେ କିନ୍ତୁ ରହିଥାଏ ଭିନ୍ନ ଉଦ୍ଦେଶ୍ୟ। ଶିଶୁ ସୁଲଭ ବ୍ୟବହାର ପ୍ରତି ସ୍ୱାଭାବିକ ଭାବେ ସମସ୍ତଙ୍କର ଆକର୍ଷଣ ଥାଏ ଓ ଏହାକୁ ପୁଞ୍ଜିକରି ବିଭିନ୍ନ ସାମଗ୍ରୀର ବିଜ୍ଞାପନ କରାଯିବା ଚମତ୍କାର ଭାବେ ଫଳପ୍ରଦ ହୋଇଥାଏ। କେବଳ ସେତିକି ନୁହେଁ, ପିଲାଙ୍କ ପାଇଁ ଏହା ଅର୍ଥ ଉପାର୍ଜନ ଏକ ପରିମାର୍ଜିତ ମାର୍ଗ। ଏ କ୍ଷେତ୍ରରେ ଅଭିଭାବକମାନେ ହିଁ ନିଜ ପିଲାଙ୍କୁ ବଡ଼ ଲୋକ ହେବାର ନିଶା ଶିଖାଇ ଥାଆନ୍ତି। ଏଥିସହିତ ସେମାନଙ୍କ ଠାରୁ ଛଡାଇ ନେଇଥାନ୍ତି ପିଲାଦିନର ଚପଳତା। ଆଉ ଗୋଟିଏ କାରଣ ମଧ୍ୟ ପିଲା ବୟସର ଚପଳତା ହଜାଇବା ପାଇଁ ଦାୟୀ। ଏଇଟି ହେଉଛି, ଆଧୁନିକ ନାରୀ ବା ଏକଲା ରହୁଥିବା ଦମ୍ପତ୍ତି ପିଲାକୁ ଜଲ୍‌ଦି ସ୍କୁଲ ପଠାଇ ଝିନ୍‌ଝଟରୁ ମୁକୁଳିବାକୁ ଚାହିଁଥାନ୍ତି। ପିଲା ଜଲ୍‌ଦି ସ୍କୁଲ ଯିବ ଓ ପାଠପଢ଼ିବ, ଏଇ ଖୁସିରେ ତା ଉପରେ ପାଠର ବୋଝ ଏମିତି ଲଦି ଦିଅନ୍ତି ଯେ ସେ ଖେଳିବାକୁ ସମୟ ପାଆନ୍ତି ନାହିଁ। ପୁନଶ୍ଚ ଅନେକ ବାପା-ମା ନିଜ ପିଲାକୁ ସାହିପଡ଼ିଶା ପିଲା ବା ଅନ୍ୟ କାହା ସହିତ ମିଶିବାର ସୁଯୋଗରୁ ଅନେକ ସମୟରେ ବଞ୍ଚିତ କରିଥାନ୍ତି ଅନୁଶାସନ ଆଳରେ। ଯାହାଦ୍ୱାରା କି ପିଲାର ଚପଳତା ଚାପିହୋଇଯାଏ। ଏହା ଯେ ତାର ମାନସିକ ବିକାଶରେ ବାଧକ ତାହା କେହି ଚିନ୍ତା କରନ୍ତି ନାହିଁ।

ମନସ୍ତତ୍ତ୍ୱବିତ୍‌ମାନଙ୍କର ଯଦିଓ ଏ କ୍ଷେତ୍ରରେ ଏକ ବିଶେଷ ଭୂମିକା ରହିଛି; ତଥାପି ନାନା ମୁନିଙ୍କର ନାନା ମତ ନ୍ୟାୟରେ ଏଥିପ୍ରତି ଗୁରୁତ୍ୱ ଦିଆଯାଏ ନାହିଁ। କିଛି ମନସ୍ତତ୍ତ୍ୱବିତ୍‌ଙ୍କ ମତାନୁସାରେ ବିଭିନ୍ନ ଅନୁଷ୍ଠାନ ଗଢ଼ାଯାଇଥାଏ ଓ ପିଲାଙ୍କୁ ସେଠାରେ ଛାଡ଼ିଦିଆଯାଏ; କିନ୍ତୁ ଏହାର ସୁଯୋଗ ନିଅନ୍ତି ଥିଲାବାଲା ଲୋକେ। ଏଥିରୁ କେତେ ସୁଫଳ ମିଳେ ତାହା ଭିନ୍ନ କଥା କିନ୍ତୁ ଆଉ କେତେକ ମତ ଦିଅନ୍ତି ଯେ ପିଲାଙ୍କ ପାଇଁ ନିଜସ୍ୱ ସାମାଜିକ ପରିବେଶ ହିଁ ସର୍ବୋତ୍କୃଷ୍ଟ। ଯାହାହେଉ, କ୍ରମବିର୍ଦ୍ଧିଷ୍ଣୁ ଆଧୁନିକତା ପଛରେ ଧାଉଁଥିବା ଆଜିର ମଣିଷ ପିଲାଙ୍କ ଚପଳତା ପ୍ରତି କମ୍ ଗୁରୁତ୍ୱ ଦେଇ ସେମାନଙ୍କୁ ବିଭିନ୍ନ କାମରେ ବାନ୍ଧି ରଖିବାର ନିରବଚ୍ଛିନ୍ନ ପ୍ରୟାସକୁ ପ୍ରତିଯୋଗିତା ଭିତ୍ତିରେ ଆଗେଇ ନେଉଛନ୍ତି। ପିଲାଙ୍କ ଜନ୍ମଗତ କଳା ବା ମେଧା ଆଳରେ ଅନେକ ଅଭିଭାବକ ଏହାର ସମାଲୋଚନାକୁ ଏଡାଇ ଯାଆନ୍ତି; କିନ୍ତୁ ସେଇ ପିଲା ଯେ ପରିଣତ ବୟସରେ ବାଲ୍ୟ ଚପଳତାକୁ ମନେପକାଇବାକୁ ଯାଇ ହତାଶ ହୋଇପଡ଼େ ଓ ଜୀବନ ବେକାର ବୋଲି ଭାବେ, ସେତେବେଳକୁ ନେଡ଼ିଗୁଡ଼ କହୁଣୀକୁ ବୋହି ଯାଇଥାଏ। ଏଥିପାଇଁ ଦାୟୀ ଥିବା ବାପା-ମା'ଙ୍କ ହାତରେ ସେତେବେଳେ କିଛି ପ୍ରତିକାରର ମାର୍ଗ ନଥାଏ। ପ୍ରସିଦ୍ଧ ଗାୟିକା ସୁନିଧି ଚୌହାନ ହୁଅନ୍ତୁ ଅବା ପପ୍‌ଗାୟିକା ବ୍ରିଟ୍‌ନୀ ସ୍ପିୟର୍ସ, ଏମାନେ ଏବେ ଏଇଭଳି ଏକ ବିକୃତି ମାନସିକତାର ଶିକାର ହୋଇଛନ୍ତି। ସ୍କୁଲ ଛାତ୍ର ଥିବାବେଳେ ସୁନିଧି ସଙ୍ଗୀତ ଜଗତରେ ଚପଳ ପକାଇଥିଲେ ଓ ମାତ୍ର ୧୬ବର୍ଷ ବୟସରେ ସଫଳତାର ଶୀର୍ଷରେ ପହଞ୍ଚିଥିଲେ। ପରବର୍ତ୍ତୀ କାଳରେ, ମାତ୍ର ଗୋଟିଏ ଦଶନ୍ଧି ମଧ୍ୟରେ ସେ ନିଜ ଆୟତ୍ତରୁ ନିଜେ ଖସିଗଲେ। ଜୀବନ ତାଙ୍କ ପାଇଁ ଏବେ ଦୁର୍ବିସହ କହିଲେ ଭୁଲ ହେବ ନାହିଁ। ବ୍ରିଟ୍‌ନୀଙ୍କ ବିଷୟରେ ଆଲୋଚନା ନକଲେ ବରଂ ଭଲ। ପିଲାଦିନକୁ ହଜାଇବାର ଦୁଃଖରେ ଏମାନେ ଏବେ ମ୍ରିୟମାଣ। ବାପା-ମା' ଏକଦା ଏମାନଙ୍କ ସଫଳତା ନେଇ ଗର୍ବ କରୁଥିଲେ; କିନ୍ତୁ ଏବେ ସେମାନେ ସବୁକିଛି ହଜାଇ ଦେଇଥିବା ପରି ଅନୁଭବ କରୁଛନ୍ତି। 'ପାପା କହ୍‌ତେ ହେଁ ବଡ଼ା ନାମ୍ କରେଗା, ବେଟା ହମାରା ବଡ଼ା କାମ୍ କରେଗା....'ର ନିଶାରେ ପିଲାମାନେ ଜଳୁଥିବାବେଳେ ଆନନ୍ଦ ଉଠାଉଥିବା ବାପା-ମା ନିଜର ପରିଣତ ଜୀବନରେ ନିଜେ ହିଁ ଜଳୁଥାନ୍ତି। ସେତେବେଳକୁ ତାରକା ପିଲା ବା ସେମାନଙ୍କ ଅଭିଭାବକ, କାହାକୁ ବି ଆଦର୍ଶ ଭାବେ ଗ୍ରହଣ କରିବାକୁ ଆମ ସମାଜ ପ୍ରସ୍ତୁତ ନାହିଁ।

ମନୋବୈଜ୍ଞାନିକଙ୍କ ମତରେ ଆଜିକାଲି ଅଭିଭାବକମାନେ ପିଲାଙ୍କୁ ମଡ଼େଲିଂ, ଫ୍ୟାସନ୍ ଅଭିନୟ ଭଳି ଅତ୍ୟାଧୁନିକ କ୍ୟାରିୟରରେ ଆଗେଇ ନେବା ପାଇଁ ଅତି ଅଳ୍ପ ବୟସରୁ ପ୍ରାଣମୂର୍ଚ୍ଛା ପରିଶ୍ରମ କରାଉଛନ୍ତି, ଯାହାଦ୍ୱାରା ପିଲାମାନେ ନିଜେ କିଛି କରିବାର ପ୍ରଚେଷ୍ଟା ପାଇଁ ସୁଯୋଗ ପାଉ ନାହାନ୍ତି ଓ ସେମାନଙ୍କର ନିଜସ୍ୱ ସୃଜନଶୀଳତା ମରିଯାଉଛି। ପିଲାମାନେ ଯଦି ବଡ଼ ମଣିଷଙ୍କ ଭଳି ପରିପକ୍ୱ ବ୍ୟବହାର କରନ୍ତି; ତେବେ ଏହା ସେମାନଙ୍କୁ ବିପଥଗାମୀ କରାଏ ଓ କ୍ରମଶଃ ଏହା ଏକ ସାମାଜିକ ବ୍ୟାଧିରେ ପରିଣତ ହୁଏ। ବାପା-ମାଆ, ବିଶେଷକରି ମାଆମାନେ ଏଥିପ୍ରତି ସତର୍କ ରହିବା ଉଚିତ୍।



**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ,**
**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ**
E-mail : drbichitranandaacharya@gmail.com




## ପ୍ଲାନ୍ ତିଆରି କରନ୍ତୁ :

ଆପଣ ଯେଉଁ ଅଫିସରେ କାର୍ଯ୍ୟ କରନ୍ତୁ ନା କାହିଁକି ନିଜର କାର୍ଯ୍ୟଶୈଳୀକୁ ସୁସଂଯୋଜିତ କରିବାକୁ ନିର୍ଦ୍ଦିଷ୍ଟ ପ୍ଲାନ୍ ପ୍ରସ୍ତୁତ କରିବା ଦରକାର। କୌଣସି କାର୍ଯ୍ୟକୁ ସିଦ୍ଧାନ୍ତରେ ପହଞ୍ଚେଇବା କି ସଫଳ କରିବା ପଛରେ ଉପଯୁକ୍ତ ପ୍ଲାନିଂ ହିଁ କାମରେ ଆସିଥାଏ। ଯଦି ଆମେ କୌଣସି ପ୍ଲାନିଂ ନକରି କାର୍ଯ୍ୟ କରିବା ଅସଫଳତା ହାସଲ କରିବା କିଛି ବଡ଼ କଥା ନୁହେଁ। ଅନେକ ଲକ୍ଷ୍ୟହୀନ ଭାବରେ କାର୍ଯ୍ୟ କରିଥାନ୍ତି, ଯାହାର ଫଳ ମିଳିବା ସମ୍ଭବ ହୋଇପାରେ ନାହିଁ। ସେଥିପାଇଁ ପ୍ରତ୍ୟେକ ସମୟରେ କାର୍ଯ୍ୟ କରିବା ପୂର୍ବରୁ ଉପଯୁକ୍ତ ଚିନ୍ତନ ଓ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇ ପ୍ଲାନ କରିବା ଦରକାର। ଯଦି ଆମେ ବଡ଼ ସଫଳତାକୁ ହାସଲ କରିବାକୁ ଚାହୁଁଛନ୍ତି, ତେବେ ଆମକୁ ଆମର କାର୍ଯ୍ୟପନ୍ଥା ଓ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦେବା ଆବଶ୍ୟକ। କେବଳ ଚାକିରି ନୁହେଁ, ବ୍ୟବସାୟ ହେଉ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ସବୁଥିରେ ଉପଯୁକ୍ତ ପ୍ଲାନିଂ କରିବାର ଆବଶ୍ୟକତା ରହିଛି। ଯଦି ଏହା ଭଲ ଭାବରେ କରିପାରିଲେ, ତାହେଲେ ଆମକୁ ସହଜରେ ସଫଳତା ମିଳିପାରିବ।



# ପ୍ଲାଷ୍ଟିକ୍ ଆବର୍ଜନାରୁ ବିଷ ପାହାଡ଼





ସମ୍ପ୍ରତି ପ୍ଲାଷ୍ଟିକ୍ ଏବଂ ପ୍ଲାଷ୍ଟିକ ତିଆରି ପଦାର୍ଥ ସାରା ପୃଥିବୀରେ ଆବର୍ଜନାର ପିରାମିଡ୍ ତିଆରି କରୁଛି । କେବଳ ପୃଥିବୀ ନୁହେଁ, ମହାକାଶ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ । ସହଜ ଏବଂ ସୁଲଭରେ ମିଳିଯାଉଥିବାରୁ ଦିନକୁ ଦିନ ଏହାର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି । ହେଲେ ବ୍ୟବହାର ତୁଳନାରେ ପୁନଃ ପ୍ରକ୍ରିୟାକରଣ ହୋଇପାରୁ ନଥିବାରୁ ଏହା ଜୀବଜଗତ ପାଇଁ ବିପଦ ଆଣିଛି । ବିଶେଷକରି ପୃଥିବୀର ସବୁଠାରୁ ବୃହତ୍ ପରିସଂସ୍ଥାନ କୁହାଯାଉଥିବା ସମୁଦ୍ର ପରିତ୍ୟକ୍ତ ବର୍ଜ୍ୟବସ୍ତୁର ଗନ୍ତାଘର ପାଲଟିଲାଣି । ପୂର୍ବରୁ ପ୍ଲାଷ୍ଟିକ୍ ପାଣି ବୋତଲ ଯୋଗୁ ସମୁଦ୍ର ପାଣି ପ୍ରଦୂଷିତ ହେଉଥିବା ଜଣାପଡ଼ିଥିଲା । ହେଲେ କେବଳ ପ୍ଲାଷ୍ଟିକ୍ ବୋତଲ ନୁହେଁ, ବରଂ ପ୍ରତିଟି ଭଙ୍ଗା ପ୍ଲାଷ୍ଟିକ୍ ଖଣ୍ଡ, କାରଖାନାର ଛୋଟ ଛୋଟ ବର୍ଜ୍ୟବସ୍ତୁ ମାଇକ୍ରୋ ପ୍ଲାଷ୍ଟିକ୍ ଏବେ ଜଟିଳ ସମସ୍ୟା ସୃଷ୍ଟି କରିଛି । ବର୍ଜ୍ୟବସ୍ତୁକୁ ନେଇ ପ୍ରଭାବିତ ହେଉଥିବା ସାମୁଦ୍ରିକ ଜୀବନ ସମ୍ପର୍କରେ ଅଧ୍ୟୟନ କରୁଥିବା ଗୋଆସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓସିଏନ୍‌ଗ୍ରାଫିର ଏ ସମ୍ପର୍କରେ ବିସ୍ତୃତ ବିଶ୍ଳେଷଣ ଅନୁଯାୟୀ ପ୍ଲାଷ୍ଟିକ୍ ପଦାର୍ଥ ଜନିତ ପ୍ରଦୂଷଣ ଆଗାମୀ ଦିନରେ ଭୟଙ୍କର ସମସ୍ୟା ସୃଷ୍ଟି କରିବ । ମନୁଷ୍ୟ ଜାତି ତିଷ୍ଠି ରହିବା ଦିଗରେ ଦେଖାଦେଇଥିବା ୧୦ଟି ପ୍ରମୁଖ ପ୍ରତିବନ୍ଧକ ମଧ୍ୟରେ ଏହା ଅନ୍ୟତମ ବୋଲି ରିପୋର୍ଟରୁ ଜଣାଯାଇଛି ।



ପ୍ଲାଷ୍ଟିକ୍ ଟୁକୁଡା ସାମୁଦ୍ରିକ ଜୀବନଚକ୍ର ପ୍ରଭାବିତ କରୁଛି । ଖାଦ୍ୟ ଅନ୍ୱେଷଣରେ ଥିବା ମାଛ, ତିମି, ସିଲ୍, ସାମୁଦ୍ରିକ କଇଁଚ ପ୍ଲାଷ୍ଟିକ୍ ବ୍ୟାଗ, ବୋତଲକୁ ଖାଇଦିଅନ୍ତି । ଏହାଦ୍ୱାରା ସେମାନଙ୍କ ହଜମ ପ୍ରକ୍ରିୟାରେ ବାଧା ସୃଷ୍ଟି ହୁଏ । ଏହା ସହ ସମୁଦ୍ରର ନିମ୍ନ ଭାଗରେ ଜମି ରହୁଥିବା ବର୍ଜ୍ୟବସ୍ତୁ ପ୍ରାକୃତିକ ଖାଦ୍ୟ ତାଲିକାକୁ ମଧ୍ୟ ପ୍ରଭାବିତ କରିଥାଏ । ସାମୁଦ୍ରିକ ଖାଦ୍ୟକୁ ମନୁଷ୍ୟ ଖାଇବାପରେ ସେମାନେ ମଧ୍ୟ ପରୋକ୍ଷରେ ବିଭିନ୍ନ ରୋଗରେ ପଡ଼ିଥାନ୍ତି । ପ୍ଲାଷ୍ଟିକ୍ ଆବର୍ଜନାଜନିତ ପ୍ରଦୂଷଣର ଜଟିଳ ଚିତ୍ର ସମ୍ପର୍କରେ ଅଧ୍ୟୟନର ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ପ୍ରତିବର୍ଷ ଜନସଂଖ୍ୟାରେ ଦ୍ରୁତ ବୃଦ୍ଧି ଘଟିବାରେ ଲାଗିଛି । ହାରାହାରି ଜଣେ ବ୍ୟକ୍ତି ପ୍ରତିବର୍ଷ ନିଜ ଓଜନର ପରିତ୍ୟକ୍ତ ବର୍ଜ୍ୟବସ୍ତୁ ପରିବେଶରେ ଫିଙ୍ଗିଥାନ୍ତି । ଆମେରିକା ଜର୍ଣ୍ଣାଲ ସାଇନ୍ସରେ ପ୍ରକାଶିତ ତଥ୍ୟ ଅନୁଯାୟୀ ସମୁଦ୍ର ଉପକୂଳରେ ଅବସ୍ଥିତ ଦେଶମାନଙ୍କରେ ପ୍ରତିବର୍ଷ ୨୭୫ ମିଲିୟନ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ ଆବର୍ଜନା ବାହାରୁଛି । ସେଥିରୁ ୧୨.୭ ମିଲିୟନ ମେଟ୍ରିକ୍ ଟନ୍ ସିଧାସଳଖ ସମୁଦ୍ରରେ ମିଶୁଛି । ୨୦୧୫ରେ ୱାଶିଂଟନ ଡିସି ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ହାରାହାରି ୧୦-୨୦ ମିଲିୟନ ଟନ୍ ପ୍ଲାଷ୍ଟିକ୍ ପ୍ରତିବର୍ଷ ସମୁଦ୍ର ଜଳରାଶିରେ ପ୍ରବେଶ କରୁଛି । ସଦ୍ୟତମ ଆକଳନ ଅନୁଯାୟୀ ସମ୍ପ୍ରତି ୫.୨୫ ଟ୍ରିଲିୟନ ପ୍ଲାଷ୍ଟିକ୍ ସମୁଦ୍ରରେ ଅଛି । ଏହାଦ୍ୱାରା ପ୍ରତିବର୍ଷ ହାରାହାରି ୧୩ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ସାମୁଦ୍ରିକ ପରିବେଶ ନଷ୍ଟ ହେବାରେ ଲାଗିଛି । ପ୍ଲାଷ୍ଟିକଜାତ ଦ୍ରବ୍ୟର ବ୍ୟବହାର ଭାରତରେ ସବୁଠାରୁ ସଙ୍ଗଟମୟ ସ୍ଥିତି କରିଛି । ପ୍ରତିବର୍ଷ ହାରାହାରି ଜଣେ ଭାରତୀୟ ୮ କିଗ୍ରା ପଲିଥିନ୍ ବ୍ୟବହାର କରୁଥିବା କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ କହିଛି । ଏହି କ୍ରମରେ ଭାରତରେ ପ୍ରତିବର୍ଷ ୮ ମିଲିୟନ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରେ ପରିଣତ ହେଉଛି । ମାଟିରେ ମିଶୁ ନଥିବା ଶସ୍ତା ପଲିଥିନ୍ କାରଣରୁ ଏହି ସମସ୍ୟା ବଢ଼ିବାରେ ଲାଗିଛି । ନିକଟରେ ଜର୍ଜିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ପ୍ଲାଷ୍ଟିକ୍ ଜାତ ପଦାର୍ଥ ପରିଚାଳନା କରିବାରେ ଭାରତ ବିଫଳ ରାଷ୍ଟ୍ର ଭାବେ ଅଷ୍ଟମ ସ୍ଥାନରେ ରହିଛି । ଏହି କ୍ରମରେ ଚାଇନା ପ୍ରଥମ ସ୍ଥାନରେ ରହିଛି । ଏହା ପଛକୁ ଇଣ୍ଡୋନେସିଆ, ଫିଲିପାଇନ୍ସ, ଭିଏତନାମା ଏବଂ ଶ୍ରୀଲଙ୍କା ରହିଛନ୍ତି । ପ୍ରତିଦିନ ଜଣେ ଭାରତୀୟ ହାରାହାରି ୩୪୦ ଗ୍ରାମ ପ୍ଲାଷ୍ଟିକ୍ ବ୍ୟବହାର କରୁଛନ୍ତି । ଚାଇନାରେ ଜଣେ ବ୍ୟକ୍ତି ଭାରତୀୟଙ୍କ ଠାରୁ ୩ଗୁଣା ଅଧିକ ପଲିଥିନ୍ ବ୍ୟବହାର କରିଥାନ୍ତି ।






ଉପକୂଳ ଭାରତରେ ହାରାହାରି ୮୭% ବର୍ଜ୍ୟବସ୍ତୁ ପରିଚାଳନାରେ ଠିକ୍ ଭାବେ ହୋଇ ନଥାଏ । ମାନବ ସଭ୍ୟତା ପାଇଁ ପ୍ଲାଷ୍ଟିକ୍ ବିପଦ ପାଲଟିଛି । ଗୋଟିଏ ଗୋଟିଏ ପ୍ଲାଷ୍ଟିକ୍ ବ୍ୟାଗ ୧୦୦୦ ବର୍ଷ ଯାଏ ସେମିତି ରହିଥାଏ । ଯଦି ବି ଏହା ମାଟିରେ ମିଶିଯାଏ, ତେବେ ସେଥିରୁ ବିଷାକ୍ତ ପଦାର୍ଥ ଜାତ ହୋଇଥାଏ । କେତେକାଂଶରେ ଏହା କ୍ୟାନସରର କାରଣ । ଏହି ସମସ୍ୟା ଭାରତର ୭୫୦୦ କିମି ତଟରେଖା ପାଇଁ ବିପଦ ପାଲଟିଛି । ଗୋଟିଏ ଗୋଟିଏ ମାଇକ୍ରୋପ୍ଲାଷ୍ଟିକ୍ ମନୁଷ୍ୟର ଛୋଟ ଚୁଟି ପରି । ସମୁଦ୍ର ଜୀବନର ପ୍ରାଣକେନ୍ଦ୍ର କୁହାଯାଉଥିବା ପ୍ଲାଙ୍କଟନ୍ ମଧ୍ୟରେ ଏହା ପ୍ରବେଶ କରିବା ପରେ ଜୈବିକ ଖାଦ୍ୟ ଶୃଙ୍ଖଳ ପ୍ରଭାବିତ ହୁଏ । ଅତି ଆଶ୍ଚର୍ଯ୍ୟର ବିଷୟ ଭାରତରେ ହାରାହାରି ୪୭% ପ୍ଲାଷ୍ଟିକ୍ ପୁନଃ ପ୍ରକ୍ରିୟାକରଣ କରାଯାଇଥାଏ । ଏହାର ଅର୍ଥ ଅଧାରୁ ଅଧିକ ବର୍ଜ୍ୟବସ୍ତୁ ଭାବେ ପରିବେଶରେ ମୁକ୍ତ ଭାବେ ଫିଙ୍ଗାଯାଉଛି । ଏ ପରିସ୍ଥିତିରେ ସରକାର ପ୍ଲାଷ୍ଟିକ୍ ବ୍ୟବହାର ନିୟମକୁ ଅଧିକ କଡ଼ାକଡ଼ି କରିବାକୁ ପଡ଼ିବ । ଏହାର ପରିଚାଳନା ନିମନ୍ତେ ଦୀର୍ଘ ମିଆଦୀ ଯୋଜନା ସମ୍ପର୍କରେ ଚିନ୍ତା କରିବା ସମୟ ଆସିଛି ।




**ବିକ୍ରମ ଦାଶ, ରୋଟାରୀ କ୍ଲବ, କଟକ - ବାରବାଟୀ, ସିଡ଼ିଏ, କଟକ,**
E-mail : dbikram@rediffmail.com

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ବାର୍ଦ୍ଧକ୍ୟର ଗତିରୋଧ

● ଡାକ୍ତର ପ୍ରଫୁଲ୍ଲ କୁମାର ଦାସ









ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ । ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ । ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ । ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି । ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି । ଆମ ଖାଦ୍ୟରେ ଥିବା ପୁଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି । ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି । ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ । ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ । ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର । ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ । କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା । ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ । ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ । ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ । କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରର କରେ । ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ । ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ । ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି । ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧ୍ୟାନ କରିଥିଲେ । ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି । ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ । ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ । ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର । ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ୍ୟ ମାନବ ମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ । ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ୍ୟ କରିବା ପାଇଁ ଯାଉଛନ୍ତି । କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ । ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ । ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ । ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ । ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ । ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ । ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓ ରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ । କିନ୍ତୁ କମ ପ୍ରୋଟିନ୍ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ । ଆମେରିକାର ଇନଷ୍ଟିଚ୍ୟୁଟ୍ ଅଫ୍ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ । ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ । ପ୍ରଫେସର ପୋଦ୍ଦାର ମଧ୍ୟ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ୍ୟ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି । ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ୍ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ ।

**କନସଲଣ୍ଟାଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**E-mail : drprafulldas007@gmail.com**

ମହକ

# ଆଦର୍ଶ ନାରୀ ପ୍ରତିଭା : ଶ୍ରୀମତୀ ଗୀତାଞ୍ଜଳି ପୃଷ୍ଟି



ସାହିତ୍ୟ ସମାଜର ଦର୍ପଣ। ଏହି ସାହିତ୍ୟ ସୃଷ୍ଟି ପାଇଁ ଆବଶ୍ୟକ ଉପଯୁକ୍ତ ପରିବେଶ, ଉପଯୁକ୍ତ ସ୍ରଷ୍ଟା ବା ଗୁରୁ ଆବଶ୍ୟକ। ଆମ ସମାଜରେ ଅନେକ ବ୍ୟକ୍ତି ବିଶେଷ ଅଛନ୍ତି ଯେଉଁମାନେ ବୃତ୍ତି ଓ ପ୍ରବୃତ୍ତିର ଉପଯୁକ୍ତ ସମନ୍ୱୟରେ ନିଜ ସାଧନା ବଳରେ ମାନବ ସମାଜ ଓ ମାନବ ଜାତି ପାଇଁ ଅତି ମାନବୀୟ କାର୍ଯ୍ୟ କରିଥାନ୍ତି। ସାହିତ୍ୟ ସେବା, ସମାଜ ସଂସ୍କାର, ଶିକ୍ଷାଦାନ ସେବା ସହ ବହୁବିଧ ମହତ୍ କାର୍ଯ୍ୟର ସୃଜନଶୀଳ ସ୍ରଷ୍ଟା ଶିକ୍ଷୟିତ୍ରୀ କବୀ ଗୀତାଞ୍ଜଳି ପୃଷ୍ଟି ଏକ ପରିଚିତ ଆଦର୍ଶ ନାରୀ ପ୍ରତିଭା। କଟକ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମ ପଞ୍ଚାୟତର ରଘୁନାଥପୁର ଗ୍ରାମରେ ୧୯୬୫ ମସିହାରେ ଜନ୍ମ ଗ୍ରହଣ କରିଥିବା ଏହି ପ୍ରତିଭା ଅବସର ପ୍ରାପ୍ତ ଶିକ୍ଷକ ତଥା ବିଶିଷ୍ଟ ସାହିତ୍ୟିକ ଚୈତନ୍ୟ ପ୍ରସାଦ ରାଉତଙ୍କୁ ବିବାହ ପରେ ଅଧୁନା ଗତିରାଉତପଟଣାସ୍ଥ ଡିହସାହି ଗ୍ରାମରେ ଅବସ୍ଥାପିତ। ପେଶାରେ ଶ୍ରୀମତୀ ପୃଷ୍ଟି ମହୋଦୟା ଜଣେ ଶିକ୍ଷୟିତ୍ରୀ କିନ୍ତୁ ନିଶା ସାହିତ୍ୟ ସାଧନା ଓ ସମାଜସେବା। ଅତି ଛୋଟ ବୟସରୁ ରାଜଧାନୀ ଭୁବନେଶ୍ୱରରେ ମାମୁଁଙ୍କ ପାଖରେ ରହି ଖାରବେଳନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା ସମାପ୍ତି ପରେ ରାଜଧାନୀ ବାଳିକା ଉଚ୍ଚ ବିଦ୍ୟାଳୟ ୟୁନିଟ-୨ରୁ ଜଣେ ମେଧାବୀ ଛାତ୍ରୀ ଭାବରେ ମାଟ୍ରିକ ପାସ୍ କରିଥିଲେ। ମାତ୍ର ଉଚ୍ଚଶିକ୍ଷା ପାଇଁ ପରିବାରରୁ କୌଣସି ସୁବିଧା ନପାଇ ପାଠପଢ଼ାରେ ଡୋରି ବାନ୍ଧନ୍ତି ସେ ଯାହାକି ଭାଗ୍ୟର ବିଡମ୍ବନା ମାତ୍ର ଆଉ ଦୃଢ଼ ଏକନିଷ୍ଠ ସାଧନା ପାଇଁ ଏକ ସଂଘର୍ଷ ଯାହାର ଫଳ ହେଉଛି ଅମୃତ। ସମୟ କ୍ରମେ ବିବାହ ପରେ କଟକ ରେଭେନ୍ସା ବାଳିକା ଉଚ୍ଚ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରୁ ସିଟି ପାଠ୍ୟକ୍ରମ ଶେଷ କରି ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରେ ଯୋଗ ଦିଅନ୍ତି ସେ । ପରେ ପୁନର୍ବାର ଉତ୍କଳ ବିଶ୍ୱ ବିଦ୍ୟାଳୟର ଦୂର ନିରନ୍ତର ଶିକ୍ଷା ମାଧ୍ୟମରେ ସ୍ନାତକ ଶିକ୍ଷା ସମାପ୍ତ କରିଥିଲେ। ନିଜ ଭିତରେ ଥିବା ଉଚ୍ଚକାଂକ୍ଷା ଏବଂ କିଛି କରିବାର ଆଶା ତାଙ୍କ ମଧ୍ୟରେ ଅହରହ ବିପ୍ଳବ କରନ୍ତି। ଯାହାର ଫଳ ସ୍ୱରୂପ ନାରୀମାନଙ୍କ ସମସ୍ୟା, ସଂସ୍କାର ଏବଂ ନାରୀ ପ୍ରତିଭାମାନଙ୍କ ଉପରେ ସେ ସୁନ୍ଦର ଆଲେଖ୍ୟ ବାଢନ୍ତି ଯାହା ସମାଜ ପାଇଁ ଉଦ୍ଦିଷ୍ଟ, ସୁଖପାଠ୍ୟ ଓ ସୁଦୂର ପ୍ରସାରୀ। ସମାଜସେବା, ବୃକ୍ଷରୋପଣ କରିବା, ଜନଜାଗରଣ ସୃଷ୍ଟି ଉପରେ ଅଧିକ ଗୁରୁତ୍ୱ ଦେଇ ଯୁବ ସମାଜ ପାଇଁ ଅନେକ ଶୁଭଙ୍କର ବାର୍ତ୍ତା ଆଣିବା ସହ ସେ ପାଲଟିଛନ୍ତି ସମସ୍ତଙ୍କ ପାଇଁ ଏକ ଉଦାହରଣ ବା ପ୍ରେରଣାଦାୟୀ ବ୍ୟକ୍ତିତ୍ୱ। ନାରୀ ସମ୍ବନ୍ଧୀୟ କବିତା ସଙ୍କଳନ 'ବିଦୀର୍ଣ୍ଣ ବିଶ୍ୱର ଛାଇ', ଶିଶୁ କିଶୋର କବିତା ସଂକଳନ 'ଶୈଶବର ସ୍ୱପ୍ନ', ଭକ୍ତି କବିତା ସଂକଳନ 'ପ୍ରାତଃ ସ୍ମରଣୀୟ', ଶିଶୁ ଗଳ୍ପ ସଂକଳନ 'ଆ ପଢ଼ିବା ଗପ' ଆଦି ପ୍ରକାଶିତ ହୋଇ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଛି। ତାଙ୍କର ଅନେକ ପୁସ୍ତକ ପ୍ରକାଶ ଅପେକ୍ଷାରେ। ସେ ଜଣେ ଅନନ୍ୟା ନାରୀ ପ୍ରତିଭା ଆଉ ସମଗ୍ର ନାରୀ ଜାତିର ଆଦର୍ଶ ଚିରନମସ୍ୟ। ରାଜ୍ୟର ବହୁ ଅନୁଷ୍ଠାନର ବିଭିନ୍ନ ପଦପଦବୀରେ ସେ ନିଜର କାର୍ଯ୍ୟ ସମ୍ପାଦନା କରି ଖୁବ୍ ପ୍ରତିଷ୍ଠା ଅର୍ଜନ କରିଛନ୍ତି। ଏଥିସହ ଅଧୁନା ପଲ୍ଲୀ ପ୍ରତିଭା ମାନଙ୍କୁ ସାଉଁଟିବା ପାଇଁ ସେ ଗଢ଼ିଛନ୍ତି 'ପଲ୍ଲୀ ପ୍ରତିଭା ସାହିତ୍ୟ ଓ ସଂସ୍କୃତି ସଂସଦ' ଯାହାର ପ୍ରତିଷ୍ଠାତ୍ରୀ ସମ୍ପାଦିକା ଭାବରେ ସେ କାର୍ଯ୍ୟରତ। ଅନେକ ପ୍ରତିଭା ସୃଷ୍ଟି କରି ମୁଖ୍ୟ ସାରସ୍ୱତ ଧାରାରେ ସାମିଲ କରିଛନ୍ତି ଶ୍ରୀମତୀ ପୃଷ୍ଟି। ଗ୍ରାମାଞ୍ଚଳ ସାହିତ୍ୟ, ସଂସ୍କୃତିର ପୂର୍ଣ୍ଣ ବିକାଶ, ପ୍ରତିଭା ପୂଜା, ସାହିତ୍ୟ ସଭା, ସାରସ୍ୱତ ପ୍ରତିଭା ସମ୍ମାନ ଭଳି ଅନେକ ଗଠନ ମୂଳକ କାର୍ଯ୍ୟକରି ଚାଲିଛନ୍ତି ଯାହାର କଳନା ନାହିଁ। ତାଙ୍କ ଅନନ୍ୟ ସଫଳ କୃତିତ୍ୱର ସ୍ୱୀକୃତି ସ୍ୱରୂପ ସେ ରାଜ୍ୟର ଅନେକ ସଙ୍ଗଠନ ପକ୍ଷରୁ ସମ୍ମାନୀତ, ଜାତୀୟ ସ୍ତରୀୟ ସମ୍ବର୍ଦ୍ଧନା ମଧ୍ୟ ଲାଭ କରିଛନ୍ତି ଏବଂ ଜାତି ପାଇଁ ଗର୍ବ ଗୌରବ ଆଣି ପାରିଛନ୍ତି। ଶିକ୍ଷାଦାନ ସାଧନାରେ ସଦା ନିମଗ୍ନ ଏହି ନିତିନିଷ୍ଠା ଶିକ୍ଷୟିତ୍ରୀ ଜଣଙ୍କ ପାଠ ପଢାଇବା ଶୈଳୀ ସଂପୂର୍ଣ୍ଣ ନିଆରା। ସାଧାରଣ ବିଦ୍ୟାର୍ଥୀଟିଏ କିପରି ଠିକଭାବେ ଶିକ୍ଷାଲାଭ କରିପାରିବ ସେ ଦିଗରେ ସେ ସଦା ତତ୍ପର ଏବଂ ତାଙ୍କ ପାଠ୍ୟ ଖସଡ଼ା ପ୍ରସ୍ତୁତି ମଧ୍ୟ ଖୁବ୍ ଉଚ୍ଚମାନର ଆଉ ଗ୍ରହଣୀୟ। ବିଭିନ୍ନ ସଭା ସମିତିରେ ତାଙ୍କ ଓଜସ୍ୱିନୀ ବକ୍ତୃତା ଖୁବ୍ ପ୍ରେରଣାଦାୟୀ ଓ ତାଙ୍କ ମହତ ଲେଖନୀ ସୁଦୂର ପ୍ରସାରୀ। ଖାଲି ଶିକ୍ଷକତା ମଧ୍ୟରେ ପୂଜ୍ୟ ସେ ସୀମିତ ନୁହନ୍ତି, ବିଦ୍ୟାର୍ଥୀ ମାନଙ୍କର ଚରିତ୍ର ଗଠନ, ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ପୂର୍ଣ୍ଣ ବିକାଶ ସାଧନ, ଆଦର୍ଶ ବିଦ୍ୟାର୍ଥୀ ନିର୍ମାଣକୁ ଲକ୍ଷ୍ୟକରି ସେ ସ୍କୁଲରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ବିଦ୍ୟାର୍ଥୀ ମାନଙ୍କ ଉନ୍ନତି ଦିଗରେ ସବୁ ସମୟରେ ଚିନ୍ତା କରିବା ସେମାନଙ୍କୁ ଉତ୍ସାହିତ କରିବା ସହ ଅନ୍ୟ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଏହି ସବୁ ଦିଗରେ ଅଧିକ ସଚେତନ ହେବାକୁ ପରାମର୍ଶ ଦିଅନ୍ତି। ପୂଜ୍ୟ ସାହିତ୍ୟିକାଙ୍କ ସ୍ୱପ୍ନ ଆଉ ସମ୍ଭାବନାର ଭାରତବର୍ଷ ହେଉ ସମାଲକ୍ଷ ଆଉ ଶୁଭଙ୍କର ତାଙ୍କ ଆଦର୍ଶ ପ୍ରତ୍ୟେକ ବିଦ୍ୟାର୍ଥୀ ଅନୁସରଣ କରନ୍ତୁ ଏତିକି ଆଶାକରୁ।










ସେ ସାରସ୍ୱତ ସାଧନା କ୍ଷେତ୍ରରେ ଲେଖନୀ ଚାଳନା କରି ସୃଷ୍ଟି କରନ୍ତି ଅନେକ କବିତା, ଗଳ୍ପ, ପ୍ରବନ୍ଧ ଇତ୍ୟାଦି। ଲେଖିବା ଯେଭଳି ନିଶା ମଞ୍ଚରେ କବିତା ସଂଯୋଜନା କରିବା, ମଞ୍ଚ ପରିଚାଳନା କରିବାରେ ସେମିତି ସିଦ୍ଧହସ୍ତା ଶ୍ରୀମତୀ ପୃଷ୍ଟି ସଫଳତାର ସିଡ଼ି ଚଢ଼ି ସାଉଁଟନ୍ତି ଅନେକ ସମ୍ବର୍ଦ୍ଧନା,ଶ୍ରଦ୍ଧା ଓ ସମ୍ମାନ। ସମାଜରେ ସଂସ୍କାର ଆଣିବା ଦିଗରେ ତାଙ୍କ ସଦା ସର୍ବଦା ବଳିଷ୍ଠ ଲେଖନୀ ଚାଳନା ତାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ। ୧୯୯୫ ମସିହାରୁ ତାଙ୍କର ଏହି ସାଧନା ଆରମ୍ଭ ହୋଇ ଚାଲିଛି ଅବିରାମ ଗତିରେ। ବିଶେଷ କରି

## ଏହି ସପ୍ତାହ, ସେହି ବର୍ଷ (ଜାନୁଆରୀ ୧୨-୧୮)

### ଏଇ ସପ୍ତାହ

ଜାନୁଆରୀ ୧୨, ୨୦୦୭-ଅମୀର ଖାନଙ୍କ ଫିଲ୍ମ 'ରଙ୍ଗ୍ ଦେ ବାସନ୍ତୀ' ବାଫ୍ଟା ପାଇଁ ନାମାଙ୍କିତ ହୋଇଥିଲା।




ଜାନୁଆରୀ ୧୩, ୧୮୯୮-କାଳୀପୂଜା ଅବସରରେ ପୂଜ୍ୟମାତା ସାରଦା ଦେବୀ, ନିବେଦିତା ବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ।



ଜାନୁଆରୀ ୧୪, ୨୦୦୭-ନେପାଳର ଅନ୍ତରୀଣ ସମ୍ବିଧାନକୁ ମଞ୍ଜୁରୀ ମିଳିଥିଲା।




ଜାନୁଆରୀ ୧୫, ୧୭୫୯-ଲଣ୍ଡନରେ ସ୍ଥିତ ମୋଣ୍ଟେଗ୍ୟୁ ହାଉସ୍‌ରେ ବ୍ରିଟିଶ ସଂଗ୍ରହାଳୟର ସ୍ଥାପନା କରାଯାଇଥିଲା।




ଜାନୁଆରୀ ୧୬, ୨୦୦୬-ସମାଜବାଦୀ ନେତା ମାଇକେଲ୍ ବ୍ୟାସେଟ୍ ଚିଲୀର ପ୍ରଥମ ମହିଳା ରାଷ୍ଟ୍ରପତି ଚୟନିତ ହୋଇଥିଲେ।



ଜାନୁଆରୀ ୧୭, ୧୯୮୫-ଭାରତୀୟ କ୍ରିକେଟର୍ ଆଝାରୁଦ୍ଦିନ, ଇଂଲଣ୍ଡ ବିପକ୍ଷରେ ଦ୍ୱିତୀୟ ଟେଷ୍ଟ ଶତକ ଲଗାଇଥିଲେ।



ଜାନୁଆରୀ ୧୮, ୧୯୩୦-ରବୀନ୍ଦ୍ରନାଥ ଟାଗୋର ସାବରମତୀ ଆଶ୍ରମର ଯାତ୍ରା କରିଥିଲେ।



# ମହାତ୍ମାଙ୍କ ଭାରତ ପ୍ରତ୍ୟାବର୍ତ୍ତନର ୧୧୦ବର୍ଷ



ବିପିନ ବିହାରୀ ରାଉତ

୧୯୧୫ ଜାନୁଆରୀ ୯ ତାରିଖରେ ମୋହନଦାସ କରମ ଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଆସି ନିଜ ଜନ୍ମମାଟି ଭାରତରେ ପହଞ୍ଚିଥିଲେ। ସେତେବେଳେ ଗାନ୍ଧୀ ନା ଥିଲେ ମହାତ୍ମା ନା ବାପୁ। ତଥାପି, ଅନେକ ଭାରତବାସୀ ଆଶା ବାନ୍ଧିଥିଲେ ଯେ, ସେ ପରାଧୀନ ଭାରତକୁ ସ୍ୱାଧୀନ କରିବେ। ଭାରତର ମୁକ୍ତି ପାଇଁ ସଂଗ୍ରାମ ଆରମ୍ଭ କରିବା ପୂର୍ବରୁ ଗାନ୍ଧୀ ଚାହିଁଥିଲେ ଭାରତକୁ ଜାଣିବେ, ଭାରତୀୟଙ୍କୁ ଚିହ୍ନିବେ। ସେଥିପାଇଁ ସେ ଆରମ୍ଭ କରିଥିଲେ ରେଳରେ ଭାରତ ଭ୍ରମଣ ଏବଂ ଏଥି ସହ ଆରମ୍ଭ ହୋଇଥିଲା ଭାରତର ଅନ୍ଧାରରୁ ଆଲୋକ ଆଡ଼କୁ ଯାତ୍ରା। ଆଜି ଗାନ୍ଧୀଙ୍କ ଭାରତ ପ୍ରତ୍ୟାବର୍ତ୍ତନର ଶହେ ଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ।

**ଆପୋଲୋ ବନ୍ଦରରେ ପହଞ୍ଚିଲେ :** ୧୯୧୫ ଜାନୁଆରୀ ଆଜିର ଦିନରେ ସମୁଦ୍ର ସେପାରି ଦକ୍ଷିଣ ଆଫ୍ରିକାରେ ବାରିଷ୍ଟରୀ କରୁଥିବା ମହାତ୍ମା ଏକ ଜଳ ଜାହାଜରେ ଆସି ପହଞ୍ଚିଥିଲେ ସ୍ୱଦେଶରେ। ସ୍ୱଦେଶକୁ ବାହୁଡ଼ି ଆସିବା ପାଇଁ ତାଙ୍କୁ ୧୯୧୨ରେ ଅନୁରୋଧ କରିଥିଲେ ଦକ୍ଷିଣ ଆଫ୍ରିକା ଭ୍ରମଣରେ ଯାଇଥିବା ଗୋପାଳକୃଷ୍ଣ ଗୋଖଲେ ମହାତ୍ମାଙ୍କ ନିଜ ଭାଷାରେ ତାଙ୍କର ରାଜନୈତିକ ଗୁରୁ। ମୁମ୍ବାଇର ଆପୋଲୋ ବନ୍ଦରରେ ମହାତ୍ମା ଜଳ ଜାହାଜରୁ ଓହ୍ଲାଇଥିଲେ ସେତେବେଳେ ଉକ୍ତ ବନ୍ଦର କେବଳ ବିଶିଷ୍ଟ ବ୍ୟକ୍ତିଙ୍କ ଆରୋହଣ ଅବତରଣ ପାଇଁ ଉଦ୍ଦିଷ୍ଟ ଥିଲା। ତେବେ ମୁମ୍ବାଇର ପ୍ରଭାବଶାଳୀ ବିଶିଷ୍ଟ ନାଗରିକ ସାର୍ ଫିରୋଜଶାହା ମେହତା, ଜେବି ପେଟିଟ୍, ବିଜି ହର୍ନିମାନ୍ ଓ ଗୋଖଲେ ପ୍ରମୁଖ ବ୍ରିଟିଶ ସରକାରଙ୍କୁ ପ୍ରଭାବିତ କରି ଆପୋଲୋ ବନ୍ଦରରେ ମହାତ୍ମାଙ୍କ ଅବତରଣର ବ୍ୟବସ୍ଥା କରିଥିଲେ। ସେତେବେଳେ ମହାତ୍ମା ଭାରତର ସାମାଜିକ ଓ ରାଜନୈତିକ ଅବସ୍ଥା ବାବଦରେ ବିଶେଷ କିଛି ଜାଣି ନଥିଲେ। ଦେଶବାସୀଙ୍କ ପାଇଁ ସେ ଥିଲେ ଅଜଣା, ନୂଆ ମୁହଁ। ତେଣୁ ସମୟ ନଷ୍ଟ ନକରି ପ୍ରଥମେ ଭାରତ ଭ୍ରମଣ କରିବା ପାଇଁ ତାଙ୍କୁ ଉପଦେଶ ଦେଇଥିଲେ ଗୋଖଲେ। ସେ ଗୋଖଲେଙ୍କ ସର୍ଭାଣ୍ଟସ ଅଫ ଇଣ୍ଡିଆ ସୋସାଇଟିର ସଦସ୍ୟ ହେବା ପରେ ଉକ୍ତ ସମାଜ ରେଳରେ ତାଙ୍କର ପ୍ରଥମ ଭାରତ ଭ୍ରମଣର ବ୍ୟବସ୍ଥା କରିଥିଲା। ୨୦୧୫ ଜାନୁଆରୀ ଶେଷ ଭାଗରେ ମହାତ୍ମାଙ୍କ ଯାତ୍ରା ରାଜକୋଟରୁ ଆରମ୍ଭ ହୋଇଥିଲା।

**ରେଳରେ ଭାରତ ଦର୍ଶନ :** ରାଜକୋଟରେ ଏକ ରେଳର ତୃତୀୟ ଶ୍ରେଣୀ ଡବାରେ ଚଢ଼ି ମହାତ୍ମା ଭାରତ ଭ୍ରମଣ ଆରମ୍ଭ କରିଥିଲେ। ପ୍ରଥମେ ଯାଇଥିଲେ କାଠିୟାୱାଡ଼। ସେଠାରେ କିଛି କାଳ ରହି ସତ୍ୟାଗ୍ରହ ଓ ଅହିଂସାର ବାଣୀ ପ୍ରଚାର କରିଥିଲେ। ତାହା ପରେ ବାହାରିଥିଲେ ଅହମ୍ମଦାବାଦ। ଏହି ନଗରୀ ଉପକଣ୍ଠସ୍ଥ କୋଚରାବ ନାମକ ଗ୍ରାମରେ ପ୍ରଥମ ଆଶ୍ରମ ପ୍ରତିଷ୍ଠା କରି ସତ୍ୟାଗ୍ରହ ଆଶ୍ରମ ଭାବରେ ନାମିତ କରିଥିଲେ। ଅହମ୍ମଦାବାଦରୁ ବାହାରି ଯାଇଥିଲେ କୋଲକାତା। ୧୭ ଫେବୃଆରୀ ୨୦୧୫ରେ ପହଞ୍ଚି ଥିଲେ ଶାନ୍ତିନିକେତନରେ। ରବୀନ୍ଦ୍ରନାଥ ଠାକୁର ଅନ୍ୟତ୍ର ଯାଇଥିବାରୁ ସଙ୍ଗେ ସଙ୍ଗେ ଭେଟ ହୋଇପାରି ନଥିଲା। ୨୦ ଫେବୃଆରୀରେ ଗୋଖଲେଙ୍କ ଦେହାନ୍ତ ଖବର ପାଇ ପୁଣେ ଫେରିଥିଲେ। ଶୋକ ପାଳନ ପାଇଁ ଏକ ବର୍ଷ ଚପଲ ନ ପିନ୍ଧିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗୋଖଲେଙ୍କ ସ୍ମୃତିରେ ଆୟୋଜିତ ଶୋକସଭାରେ ଯୋଗଦେଇ କୋଲକାତା ଫେରିଥିଲେ। ୬ ମାର୍ଚ୍ଚ ୨୦୧୫ରେ ଠାକୁରଙ୍କ ସହ ସାକ୍ଷାତ ହୋଇଥିଲା ଏବଂ ସେ ହିଁ ତାଙ୍କୁ ପ୍ରଥମେ ମହାତ୍ମା ଭାବେ ସମ୍ବୋଧିତ କରିଥିଲେ। କାଲକାତାରୁ ଯାଇଥିଲେ ବାରାଣସୀ। ପବିତ୍ର ବାରାଣସୀ ସେତେବେଳେ ଥିଲା ଏକ ଆବର୍ଜନୀୟ ନଗରୀ। କାଶୀ ବିଶ୍ୱନାଥ ମନ୍ଦିରରେ ମହାତ୍ମା ଦକ୍ଷିଣା ନଦେବାରୁ ପଣ୍ଡା ମହାଶୟ ଅଭିଶାପ ଦେଇଥିଲେ, ସିଧା ନରକ ଯିବ। ଉକ୍ତ ଘଟନା ପରେ ମହାତ୍ମା ତିନି ଥର ବାରାଣସୀ ଗସ୍ତ କରିଥିଲେ ହେଁ ବିଶ୍ୱନାଥ ମନ୍ଦିରକୁ ଯାଇ ନଥିଲେ। ତାହାପରେ ଗୋଟିଏ ପବିତ୍ର ସ୍ଥଳୀରୁ ଆଉ ଏକ ଧର୍ମକ୍ଷେତ୍ର ହରିଦ୍ୱାର। ସେଠାରେ କାଁଗଡ଼ୀ ଗୁରୁକୁଳରେ ମହାତ୍ମା ମୁନ୍‌ଶୀରାମଙ୍କୁ ସାକ୍ଷାତ କରିଥିଲେ। ରାମକୃଷ୍ଣ ମିଶନ ମଧ ପରିଦର୍ଶନ କରି ସନ୍ନ୍ୟାସୀମାନଙ୍କ ସହ ଆଲୋଚନା କରିଥିଲେ। ହରିଦ୍ୱାର ଅବସ୍ଥାନ କାଳରେ ୧୦ ଏପ୍ରିଲରେ ଆଗକୁ ଦିନରେ ପାଞ୍ଚଟିରୁ ଅଧିକ ଖାଦ୍ୟ ଏବଂ ସୂର୍ଯ୍ୟାସ୍ତ ପରେ ଆଦୌ ଭୋଜନ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ। ହରିଦ୍ୱାରରୁ ବାହାରିଥିଲେ ମାଡ୍ରାସ ଏବଂ ପହଞ୍ଚିଥିଲେ ୧୭ ଏପ୍ରିଲରେ। ସ୍ଥାନୀୟ ପାଚାୟୀଆପ୍ପା କଲେଜରେ ବିଦ୍ୟାର୍ଥୀ ଓ ଅଧ୍ୟାପକ ଆଦିଙ୍କ ସହ ଭାବ ବିନିମୟ ହୋଇଥିଲା। ସୋକରପେଟରେ ଏକ ପାଠାଗାର ଉଦ୍‌ଘାଟନ କରିଥିଲେ ଏବଂ ରାନାଡ଼େ ହଲ୍‌ରେ ଭାଷଣ ଦେଇଥିଲେ। ମାଡ୍ରାସରୁ ବେଙ୍ଗଲୁରୁ ହୋଇ ଫେରିଥିଲେ ଅହମ୍ମଦାବାଦ ଏବଂ ପହଞ୍ଚିଥିଲେ ମେ ୧୧ରେ।

**ଓଡ଼ିଶା ସହ ପ୍ରଥମ ପରିଚୟ :** ୧୯୧୯-୨୦ରେ ପୁରୀ ଜିଲ୍ଲାରେ ଦୁର୍ଭିକ୍ଷ ପଡ଼ିଲା। ଡଭାର ଗାଁରୁ ଆରମ୍ଭ କରି ଏହି ଦୁର୍ଭିକ୍ଷ କ୍ରମେ ପୁରୀ ସଦନ, ଗୋପ, ବାଲିଅନ୍ତା ଓ ବାଣପୁରକୁ ବ୍ୟାପିଲା। ୧୮୬୬ର ନଅ ଅଙ୍କ ଦୁର୍ଭିକ୍ଷ ପରେ ଏହା ଓଡ଼ିଶା ପାଇଁ ଦ୍ୱିତୀୟ ବଡ଼ ପ୍ରାକୃତିକ ବିପର୍ଯ୍ୟୟ। ବ୍ରିଟିଶ ସରକାର ସବୁ ଦେଖୁଥାନ୍ତି ସତ ଲୋକଙ୍କୁ ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁ ନଥାନ୍ତି। ଏହା ଉତ୍କଳମଣି ଗୋପବନ୍ଧୁଙ୍କୁ ଖୁବ୍ ବାଧିଲା। ମହାତ୍ମା ଜାଣିଲେ, ହୁଏତ କିଛି ପ୍ରତିକାର ହୋଇପାରିବ ଭାବି, ସେ ଚିଠି ଲେଖିଲେ। ଚିଠିଟି ପଢ଼ି ମହାତ୍ମା ବ୍ୟଥିତ ହେଲେ ଏବଂ ଗୁଜରାତୀ ଭାଷାରେ ପ୍ରକାଶ ପାଉଥିବା ନବଜୀବନରେ ଓଡ଼ିଶାରେ ଦୁର୍ଭିକ୍ଷ ଶୀର୍ଷକ ଲେଖାଟିଏ ଲେଖିଥିଲେ। ଗୋପବନ୍ଧୁଙ୍କ ମାଧ୍ୟମରେ ହିଁ ଓଡ଼ିଶା ସହ ତାଙ୍କର ପ୍ରଥମ ପରିଚୟ।

**କାଠଯୋଡ଼ି ବାଲିରେ ସଭା :** ଓଡ଼ିଶା ତଥା ଓଡ଼ିଆଙ୍କୁ ଜାତୀୟ ଜୀବନର ମହାସ୍ରୋତରେ ମିଶାଇବା ପାଇଁ ପ୍ରଥମେ ଯେଉଁମାନେ ଉଦ୍ୟମ କରିଥିଲେ, ସେମାନଙ୍କ ମଧ୍ୟରେ ଉତ୍କଳମଣି ଗୋପବନ୍ଧୁ ପ୍ରମୁଖ। ତାଙ୍କ ନିୟନ୍ତ୍ରଣରେ ପ୍ରଥମ ଥର ପାଇଁ ମହାତ୍ମାଙ୍କ ପାଦ ଓଡ଼ିଶାରେ ପଡ଼ିଥିଲା। ୧୯୨୦ ସେପ୍ଟେମ୍ବରରେ କାଲକାତାରେ ଅନୁଷ୍ଠିତ ନିଖିଳ ଭାରତୀୟ କଂଗ୍ରେସର ବିଶେଷ ଅଧିବେଶନରେ ଓଡ଼ିଶା ଗସ୍ତ କରିବା ପାଇଁ ଉତ୍କଳମଣି ଅନୁରୋଧ କରିଥିଲେ। ୧୯୨୧ରେ ଆରମ୍ଭ ହୋଇଥିଲା ଅସହଯୋଗ ଆନ୍ଦୋଳନ। ଏହି ଆନ୍ଦୋଳନକୁ ସୁଦୂରପ୍ରସାରୀ କରିବା ପାଇଁ ମହାତ୍ମା ଦେଶର ବିଭିନ୍ନ ଅଞ୍ଚଳ ଗସ୍ତ କରୁଥିଲେ। ଏହି କ୍ରମରେ ୨୩ ମାର୍ଚ୍ଚ ୧୯୨୧ରେ ସେ କଟକରେ ପହଞ୍ଚିଥିଲେ। ସେ ଦିନ ଥିଲା ଦୋଳ ପୂର୍ଣ୍ଣିମା। ପୂର୍ବ ସାଙ୍ଗକୁ ମହାତ୍ମାଙ୍କ ଆଗମନ ସମଗ୍ର ରାଜ୍ୟ ଉତ୍ସବ ମୁଖରିତ ହୋଇଉଠିଥିଲା। ମହାତ୍ମାଙ୍କ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକେ କଟକରେ ପହଞ୍ଚିଥିଲେ। ମହାତ୍ମା ରେଳରୁ ଓହ୍ଲାଇବା କ୍ଷଣି ମହାତ୍ମା ଗାନ୍ଧୀ କି ଜୟ, ବନ୍ଦେ ମାତରଂ ଆଦି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା। ଉକ୍ତ ଦିନ ଅପରାହ୍ନରେ କାଠଯୋଡ଼ି କୂଳ ଗଣେଶ ଘାଟ ନିକଟରେ ଶୁଖିଲା ନଦୀର ବିସ୍ତୃତ ବାଲୁକା ଉପରେ ସଭା ଅନୁଷ୍ଠିତ ହୋଇଥିଲା। ବଡ଼ ବଡ଼ କାଠ ଖଟ ପକାଇ, ତିଆରି କରାଯାଇଥିବା ମଞ୍ଚ ଉପରେ ମହାତ୍ମାଙ୍କୁ ନେଇ ମଞ୍ଚାସୀନ କରାଇଥିଲେ ଉତ୍କଳମଣି। ଛିଡ଼ା ହେବାକୁ ଅକ୍ଷମ ଥିବା ମହାତ୍ମା କାଠ ଚୌକିରେ ବସି ହିନ୍ଦୀରେ ଭାଷଣ ଦେଇଥିଲେ। କଟକରେ ଦୁଇ ଦିନ ରହି ନେତା ତଥା ସାଧାରଣ ଲୋକଙ୍କୁ ଭେଟିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ପରେ ମହାତ୍ମା ଯାଇଥିଲେ ଭଦ୍ରଖ। ଭଦ୍ରଖରୁ ସତ୍ୟବାଦୀ ତାହା ପରେ ପୁରୀ ଓ ବ୍ରହ୍ମପୁର। ତାଙ୍କର ପ୍ରଥମ ଓଡ଼ିଆ ଗସ୍ତ ଶେଷ ହୋଇଥିଲା ୩୧ ମାର୍ଚ୍ଚରେ।

**ମହାତ୍ମାଙ୍କୁ ଭେଟିଥିବା ପ୍ରଥମ ଓଡ଼ିଆ :** ମହାତ୍ମାଙ୍କୁ ଭେଟିଥିବା ପ୍ରଥମ ଓଡ଼ିଆ ଥିଲେ ଦଶପଲ୍ଲାର ମୁକ୍ତି ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର। ଦଶପଲ୍ଲାର କନ୍ଧମେଳି ଓ ଶାସକମାନଙ୍କର ନିର୍ମମ ଅତ୍ୟାଚାର ତଥା ନରହତ୍ୟା ଦେଖି ଦେଖି ବ୍ୟଥିତ ହୋଇଥିଲେ ଗୋବିନ୍ଦ। ଇଂରେଜମାନଙ୍କୁ ନ ତଡ଼ିବା ଯାଏ ଦେଶବାସୀ ସୁରକ୍ଷିତ ନୁହନ୍ତି ଏହାକୁ ମନରେ ଗ୍ରହଣ କରି ସେ ଓଡ଼ିଶା ଛାଡ଼ିଥିଲେ। କାଲକାତାରେ ସୁରେନ୍ଦ୍ର ନାଥ ବାନାର୍ଜୀ ଓ ଶାନ୍ତିନିକେତନରେ ରବୀନ୍ଦ୍ର ନାଥ ଠାକୁରଙ୍କୁ ଭେଟି ଓଡ଼ିଶାର ଦୁଃଖ ଜଣାଇଥିଲେ। ତାହା ପରେ ଦୀନବନ୍ଧୁ ଆଣ୍ଡ୍ରୁଜ୍‌ଙ୍କ ସହ ଦେଖା ହୋଇଥିଲା। ତାଙ୍କ ପରାମର୍ଶ ମାନି ଯାଇଥିଲେ ମହାତ୍ମାଙ୍କ ସାବରମତୀ ଆଶ୍ରମ।

**ଖଦିର ପ୍ରସାର :** ଡିସେମ୍ବରରେ ମହାତ୍ମା ତୃତୀୟ ଥର ପାଇଁ ଓଡ଼ିଶା ଆସିଥିଲେ। ସେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ନଭେମ୍ବରରେ ଆସିବାର ଥିଲା। ତେବେ ସମସ୍ୟା ଯୋଗୁଁ ଆସିଥିଲେ ଡିସେମ୍ବର ପ୍ରଥମ ସପ୍ତାହରେ। ସେତେବେଳେ ତାଙ୍କ ସ୍ୱାସ୍ଥ୍ୟ ଭଲରହୁ ନଥିଲା। ଏକ ମାସ ଓଡ଼ିଶାରେ ବୁଲିବେ ବୋଲି ସ୍ଥିର କରିଥିଲେ ହେଁ କୋଡିଏ ଦିନରେ ଗସ୍ତ ଶେଷ କରିଥିଲେ। ଆନ୍ଧ୍ର ଗସ୍ତ ଶେଷ କରି ସେ ବ୍ରହ୍ମପୁରରେ ପହଞ୍ଚିଥିଲେ ୪ ଡିସେମ୍ବରରେ। ବ୍ରହ୍ମପୁରରେ ଦୁଇଟି ସଭା ଅନୁଷ୍ଠିତ ହୋଇଥିଲା। ଗୋଟିଏ ସଭାରେ ଚରଖା, ଖଦି, ସ୍ୱଦେଶୀ ବସ୍ତ୍ର ଆଦି ସପକ୍ଷରେ ବକ୍ତବ୍ୟ ରଖିଥିଲେ। ଛାତ୍ରମାନଙ୍କ ଦ୍ୱାରା ଆୟୋଜିତ ଦ୍ୱିତୀୟ ସଭାରେ ପ୍ରାର୍ଥନାର ଗୁରୁତ୍ୱ ବୁଝାଇଥିଲେ। ତାହା ପରେ ଛତ୍ରପୁର, ବୋଲଗଡ଼, ବାଣପୁର, ଖୋର୍ଦ୍ଧା, ଜଟଣୀ, ପୁରୀ, ବାଲେଶ୍ୱର, ଭଦ୍ରଖ ଗସ୍ତ ସାରି ପହଞ୍ଚିଥିଲେ କଟକରେ। ୨୧ ଡିସେମ୍ବର ରାତିରେ ମାଡ୍ରାସ ମେଲ୍‌ରେ କଟକ ଛାଡ଼ିଥିଲେ।

**ଉତ୍କଳ ଗୌରବଙ୍କ ଅନୁରୋଧ ରଖିଲେ :** ୧୯୨୫ ବେଳକୁ କଂଗ୍ରେସ କାର୍ଯ୍ୟକ୍ରମ ମାନଙ୍କରୁ ଟିକିଏ ଦୂରେଇ ସଙ୍ଗଠନ କାମ ଓ କୁଟୀରଶିଳ୍ପର ପ୍ରସାର ଦିଗରେ ଅଧିକ ସମୟ ଦେବା ପାଇଁ ମହାତ୍ମା ନିଷ୍ପତ୍ତି ନେଇସାରିଥିଲେ। ସେହି ସମୟରେ ଓଡ଼ିଶାରେ ଏଭଳି କାର୍ଯ୍ୟ ମାନଙ୍କୁ ଗୁରୁତ୍ୱ ଦେଉଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ମଧୁସୂଦନଙ୍କ ଅନୁରୋଧରେ ଦ୍ୱିତୀୟ ଥର ପାଇଁ ମହାତ୍ମାଙ୍କ ପାଦ ଓଡ଼ିଶାରେ ପଡ଼ିଲା। ସେ ୧୯ ଅଗଷ୍ଟ ୧୯୨୫ରେ ରେଳରେ ଆସି କଟକରେ ପହଞ୍ଚିଥିଲେ। ସଙ୍ଗରେ ଥିଲେ ବ୍ୟକ୍ତିଗତ ସଚିବ ମହାଦେବ ଦେଶାଇ, କାଲକାତାର ବିତ୍ତଶାଳୀ ମାରୱାଡ଼ୀ ବ୍ୟବସାୟୀ ରଙ୍ଗଲାଲ। ଷ୍ଟେସନରୁ ପାଛୋଟି ଆଣିଥିଲେ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁ। ମହାତ୍ମା କଟକ ଚାଉଳିଆଗଞ୍ଜସ୍ଥିତ ଉତ୍କଳ ଟାନେରୀ ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟ କରୁଥିବା ଅଛୁଆଁ ଶ୍ରମିକଙ୍କ ସହ କିଛି ସମୟ ବିତାଇଥିଲେ। ପୁଣି ସାବରମତୀରେ ଗୋଟିଏ ଟାନେରୀ ପ୍ରତିଷ୍ଠା କରିବା ପାଇଁ ମଧୁବାବୁଙ୍କ ପରାମର୍ଶ ନେଇଥିଲେ। ୨୦ ଅଗଷ୍ଟରେ କଟକସ୍ଥିତ କୁଷ୍ଠାଶ୍ରମ ପରିଦର୍ଶନ କରିଥିଲେ।

**ସମ୍ବଲପୁରରେ ବାପୁ :** ୧୯୨୧-୨୮ ମଧ୍ୟରେ ମହାତ୍ମା ତିନି ତିନି ଥର ଓଡ଼ିଶା ଗସ୍ତରେ ଆସିଥିଲେ ହେଁ ସମ୍ବଲପୁରରେ ତାଙ୍କର ପାଦ ପଡ଼ି ନଥିଲା। ଏହି କାରଣରୁ ସମ୍ବଲପୁରବାସୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିଲା ଗଭୀର ଦୁଃଖ। ଅସହଯୋଗ ଆନ୍ଦୋଳନକୁ ସମ୍ବଲପୁରବାସୀଙ୍କ ଅବଦାନ ସଂପର୍କରେ ମହାତ୍ମା ନାନା କଥା ଶୁଣିଥିଲେ। ତେଣୁ ସମ୍ବଲପୁରବାସୀଙ୍କ ଦାବିକୁ ସମ୍ମାନ ଦେଇ ମୁମ୍ବଇରୁ କାଲକାତା ଯିବା ବାଟରେ ୨୨ ଡିସେମ୍ବର ୧୯୨୮ରେ ଝାରସୁଗୁଡ଼ା ଷ୍ଟେସନରେ ଓହ୍ଲାଇ ସମ୍ବଲପୁର ଆସିଥିଲେ। ମହାନଦୀ ବାଲିରେ ସାଧାରଣ ସଭା ହୋଇଥିଲା। ଦାରିଦ୍ର ଦୂରୀକରଣ ପାଇଁ ଖଦୀର ଗୁରୁତ୍ୱ ବୁଝାଇଥିଲେ। ସନ୍ଧ୍ୟାରେ ମହିଳା ସଭାରେ ବକ୍ତବ୍ୟ ରଖି କାଲକାତା ଯାତ୍ରା କରିଥିଲେ।

**ହରିଜନ ଯାତ୍ରା :** ୭ ନଭେମ୍ବର ୧୯୩୩ରେ ମହାତ୍ମା ଅସ୍ପୃଶ୍ୟତା ବିରୋଧରେ ହରିଜନ ଯାତ୍ରା ଆରମ୍ଭ କରିଥିଲେ। ୧୯୩୪ ଅଗଷ୍ଟରେ ଏହି ଯାତ୍ରା ଶେଷ ହୋଇଥିଲା। ଏହି ଦଶ ମାସରେ ସେ ୧୨୦୦ ମାଇଲ ବୁଲିଥିଲେ, ସେଥିରୁ ୧୫୬ ମାଇଲ ପାଦରେ ଚାଲି ଚାଲି। ଏହି କାଳରେ ହରିଜନଙ୍କ ଉନ୍ନତି ପାଇଁ ୧୦ ଲକ୍ଷରୁ ଅଧିକ ଟଙ୍କା ସଂଗ୍ରହ କରିଥିଲେ। ଏହି ଉପଲକ୍ଷେ ସେ ଓଡ଼ିଶାରେ ବ୍ୟାପକ ଭାବେ ଗସ୍ତ କରିଥିଲେ। ପ୍ରଥମେ ୧୨ ଦିନ କଟାଇବେ ବୋଲି ସ୍ଥିର ହୋଇଥିଲା। ତେବେ ଓଡ଼ିଶାରେ ବୁଲୁ ବୁଲୁ ୨୧ ଦିନ ବିତିଯାଇଥିଲା। ବିହାରରୁ ବାହାରି ମେ ୫ରେ ପହଞ୍ଚିଥିଲେ ଝାରସୁଗୁଡ଼ାରେ। ତାହାପରେ ଅନୁଗୁଳ। ଅନୁଗୁଳ ସେତେ ବେଳେ ଥିଲା ଏକ ବିଚିତ୍ର ଇଲାକା। ଆଇନକାନୁନ୍ ବୋଲି କିଛି ନଥିଲା। ହାକିମଙ୍କ ତୁଣ୍ଡରୁ ଯାହା ବାହାରିବ ତାହା ଥିଲା ଆଇନ। ମହାତ୍ମାଙ୍କୁ କେହି ଆଶ୍ରୟ ଦେଇପାରିବେ ନାହିଁ ବୋଲି ଘୋଷଣା କରାଯାଇଥିଲା। ଅନୁଗୁଳ ଦେଇ ନ ଯିବା ପାଇଁ ତାଙ୍କୁ କେହି କେହି ଉପଦେଶ ଦେଇଥିଲେ। ତାହା ଶୁଣି ମହାତ୍ମା କହିଥିଲେ ଆଶ୍ରୟ ନ ମିଳିଲେ ଗଛ ମୂଳେ ରହିବି। ସେ ଅନୁଗୁଳରେ ସଭା କରିଥିଲେ ଏବଂ ତାଙ୍କ ପାଇଁ ତମ୍ବୁର ବ୍ୟବସ୍ଥା କରାଯାଇଥିଲା। ହରିଜନ ଯାତ୍ରା କାଳରେ ଓଡ଼ିଶାର ମୋଟ ଛପନଟି ସ୍ଥାନରେ ସେ ସଭା କରିଥିଲେ। ପୁରୀରେ ପଦଯାତ୍ରା କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ ସ୍ୱରୂପ ତାଙ୍କୁ ସମ୍ମାନ ଜଣାଇବା ସହ ଏହାକୁ ସ୍ମାରକୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ ହେଉଛି। ଚଳିତ ବର୍ଷ ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି। ପ୍ରବାସରେ ଥିବା ଭାରତୀୟମାନେ ନିଜ ଅନୁଭୂତି ଓ ଅନୁଭବ ରଖିବା ସହ ବିକଶିତ ଭାରତ ତିଆରି ପାଇଁ ନୂଆ ନକ୍ସା ତିଆରି ହେବ। ସର୍ବୋପରି ମହାନ ଭାରତୀୟ ସଂସ୍କୃତି, ଗଣତନ୍ତ୍ର ଓ ସମ୍ବିଧାନକୁ ସମ୍ମାନ ପୂର୍ବକ ଆଜି ସମଗ୍ର ବିଶ୍ୱରେ ଭାରତୀୟମାନେ ନିଜ ନିଜ ପ୍ରତିଭାକୁ ନେଇ ବିଶ୍ୱ ଦରବାରରେ ଭାରତର ଗର୍ବ ବଢ଼ାଇବାରେ ସକ୍ଷମ ହୋଇଛନ୍ତି।

**ଶ୍ରୀବିହାର କଲୋନୀ,**
**ତୁଳସୀପୁର, କଟକ,**
**E-mail : bipinrout@rediffmail.com**

ସ୍ମୃତି

# ଭାଷା ଆନ୍ଦୋଳନର ଅନ୍ୟତମ ବିନ୍ଧାଣୀ : ଫକୀରମୋହନ ସେନାପତି

ଶ୍ୟାମ ସୁନ୍ଦର ସାମଲ



୧୮୪୩ ମସିହା ପବିତ୍ର ମକର ସଂକ୍ରାନ୍ତି ଅବସରରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶା ମାଟିର ଅନ୍ୟତମ ବରପୁତ୍ର ଫକୀର ମୋହନ ସେନାପତି। ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁର ଗାଁର ଲକ୍ଷଣ ଚରଣ ସେନାପତି ଓ ତୁଳସୀ ଦେବୀଙ୍କ ଔରସରୁ ଜନ୍ମିତ ଫକୀର ମୋହନ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଦେଇ ଯାଇଥିବା ଅବଦାନ ଚିରସ୍ମରଣୀୟ। ଓଡ଼ିଆ ଭାଷା ଅସ୍ତିତ୍ୱ ରକ୍ଷା କରିବା ଲାଗି ସଂଘର୍ଷ କରୁଥିବାବେଳେ ନିଜର ଅମର ଲେଖନୀ ଚାଳନା କରି ଫକୀର ମୋହନ ଭାଷା ଓ ଜାତିର ଉଦ୍ଧାର କରିଥିଲେ। ମଧୁବାବୁ, ଗୋପବନ୍ଧୁ ଓ କବିବରଙ୍କ ସହ ମିଶି ସେ ଓଡ଼ିଆ ଭାଷା ଆନ୍ଦୋଳନକୁ ସଫଳ କରାଇପାରିଥିଲେ । ଫକୀର ମୋହନ ଥିଲେ ପ୍ରଥମ ଓଡ଼ିଆ କ୍ଷୁଦ୍ର ଗଳ୍ପ 'ରେବତୀ'ର ଲେଖକ। ଖୁବ୍ ପିଲାବେଳୁ ପିତାମାତାଙ୍କୁ ହରାଇଥିବା ଫକୀରମୋହନ ଅର୍ଥାଭାବରୁ ଅଧାରୁ ପାଠ ପଢ଼ା ଛାଡ଼ିଥିଲେ । ତାଙ୍କ ଶରୀର ସବୁବେଳେ ଅସୁସ୍ଥ ରହୁଥିଲା। ଜେଜେମା'ଙ୍କ ଲାଳନପାଳନରେ ତାଙ୍କର ପିଲା ଦିନ କଟିଥିଲା। ମାଇନର ପାସ୍ କରି ବାଲେଶ୍ୱରର ବାରବାଟୀ ସ୍କୁଲରେ ପାଠ ପଢ଼ା ଜାରି ରଖିଥିବାବେଳେ ତାଙ୍କୁ ଅଧାରୁ ପାଠ ପଢ଼ା ଛାଡ଼ିବାକୁ ପଡ଼ିଥିଲା। ତେବେ ନିଜ ଅସାଧାରଣ ପ୍ରତିଭା ଯୋଗୁଁ ଫକୀରମୋହନଙ୍କୁ ସେହି ସ୍କୁଲରେ ମାସିକ ୨ଟଙ୍କା ୫୦ ପଇସା ଦରମାରେ ଚାକିରି କରିବାର ସୁଯୋଗ ମିଳିଲା। ଓଡ଼ିଆ, ବଙ୍ଗଳା, ଇଂରାଜୀ ଭାଷାରେ ଅସାଧାରଣ ଦକ୍ଷତା ଥିବା ଫକୀର ମୋହନ 'ଛମାଣ ଆଠ ଗୁଣ୍ଠ', 'ମାମୁଁ', 'ଲଛମା' ଭଳି କାଳଜୟୀ ଉପନ୍ୟାସ ରଚନା କରି ଯାଇଛନ୍ତି। 'ପେଟେଣ୍ଟ ମେଡ଼ିସିନ୍', 'ଡାକ୍ ମୁନସୀ', 'ରାଣ୍ଡି ପୁଅ ଅନନ୍ତା' ଭଳି କ୍ଷୁଦ୍ର ଗଳ୍ପ ତାଙ୍କ ଅମର କୀର୍ତ୍ତିର ଗାଥା ବହନ କରିଥାଏ । ୧୮୬୮ରେ ସେ ନିଜସ୍ୱ ଚେଷ୍ଟା ବଳରେ ଉତ୍କଳ ପ୍ରେସ୍ ନାମକ ଛାପାଖାନା ବାଲେଶ୍ୱରରେ ପ୍ରତିଷ୍ଠା କରିଥିଲେ । 'ବୋଧଦାୟିନୀ. 'ନବସମ୍ବାଦ', 'ସମ୍ବାଦବାହିକା' ଭଳି ପତ୍ରିକା ପ୍ରକାଶିତ କରି ସେ ଜାତୀୟତା ଏବଂ ଭାଷା ଆନ୍ଦୋଳନକୁ ଉଜ୍ଜିବୀତ କରି ରଖିଥିଲେ।

ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ : ୯୭୭୮୬୩୫୯୨୬

## ମନକୁ ଆସିଲା ଯାହା ୪

# କାହାକୁ କହିବା.. ଭଲ ମଣିଷ



ସୌମ୍ୟଶ୍ରୀ ପାଣିଗ୍ରାହୀ

ଲୋକଟିଏ ଥିଲା। ଧରିନିଆଯାଉ ତା'ର ନା' 'କ'। ସେ ପ୍ରଚୁର ମଦ ପିଏ। ପ୍ରତିଟି ସଂଜରେ ନିଜର ଦେହସୁଖ ମେଣ୍ଟେଇବା ପାଇଁ ନୂଆ ନୂଆ ଦେହ ଖୋଜେ। ପ୍ରଚୁର ସିଗାରେଟ୍ ଟାଣେ। କର୍ମଫଳ ଉପରେ ବିଶ୍ୱାସ ନକରି ଭାଗ୍ୟଫଳ ଉପରେ ବିଶ୍ୱାସ କରୁଥିବାରୁ ନିଜ ପାଇଁ ଖଞ୍ଜି ରଖିଥାଏ କେଇଜଣ ନାଁ କରା ବ୍ୟକ୍ତିଗତ ଜ୍ୟୋତିଷ, ବୃତ୍ତିଗତ ଭାବରେ ପୁଣି ତା'ର ବନ୍ଧୁ କହିଲେ ଖୁବ ବେଶୀ ନୁହେଁ। ରାଜନୀତିରେ ଅତ୍ୟଧିକ ରୁଚି ରଖିଥିବାରୁ ସଂସାର ଯାକର ଯେତିକି ବଦମାସ ରାଜନେତା, ସଭିଏଁ ତା'ର ସାଙ୍ଗ।

ଠିକ ସେମିତି ଆଉ ଗୋଟେ ଲୋକ, ଯାହାର ନାମ 'ଖ'। ସେ ସକାଳେ ଜମ୍ମା ନିଦରୁ ଉଠିପାରେନା। ଅଳସ ଭାଙ୍ଗୁ ଭାଙ୍ଗୁ ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠି ସାରିଥାନ୍ତି। ତଥାପି ଦିନ ଦ୍ୱିପହରଯାଏ ଅକର୍ମା କୋଢିଆ ପରି ଶୋଇରୁହେ। କାମରେ ଅବହେଳା ଯୋଗୁଁ ଅଫିସରୁ ଥରେ ନୁହେଁ ଦୁଇଥର ତଡା ଖାଇଥାଏ। କଲେଜରେ ପଢିଲା ବେଳେ ନିଶାସେବନ କରୁଥିବା ବେଳେ ଧରା ପଡିଥାଏ କିନ୍ତୁ ଅଫିମ ନିଶା ଛାଡ଼ି ନଥାଏ। ପୁଣି ପ୍ରତିଟି ସଞ୍ଜରେ ହ୍ୱିସ୍କି ପରି ମଦର ସାହାରା ନେଇ ରାତି ବିତେଇ ଦିଏ।

ଏଇଠି କହିବି ଆଉ ଜଣକର କଥା। ଧରିନିଆଯାଉ 'ଗ'। ସାରାଜୀବନ ଆମିଷ ସ୍ପର୍ଶ କରିନାହିଁ। ଆଜନ୍ମ ଶୁଦ୍ଧ ନିରାମିଷାଶୀ। କେବେ ବି ସିଗାରେଟ ଛୁଇଁନାହିଁ। ପୁଣି ସେ ଜଣେ ପୁରସ୍କାର ପ୍ରାପ୍ତ ସେନାଧିକାରୀ ତେଣୁ ଖୁବ ବେଶୀ ଶୃଙ୍ଖଳା ଓ ଅନୁଶାସନପ୍ରିୟ। ନିଜର ପତ୍ନୀଙ୍କୁ ପ୍ରାଣ ଭରି ଭଲ ପାଉଥିବାରୁ କେବେ ବି ତାଙ୍କ ସହ ଛଳନାକରି ନାହିଁ, ଧୋକା ଦେବା ତ' ଦୂରର କଥା। କେବଳ ସେତିକି ନୁହେଁ, ସେ ଜଣେ ଦକ୍ଷ ତାଲିମପ୍ରାପ୍ତ ଚିତ୍ରକର ମଧ୍ୟ।

ଏଇ ଉପରୋକ୍ତ ତିନି ଜଣଙ୍କ ଭିତରୁ ଆପଣ କାହାସହ ବନ୍ଧୁତା କରିବାକୁ ଚାହିଁବେ ? ବା କିଏ ଆପଣଙ୍କ ନଜରରେ ଜଣେ ଭଲ ମଣିଷ ? ଏହି ୩ ଜଣଙ୍କ ଭିତରୁ ଆପଣଙ୍କ ନଜରରେ ଆଦର୍ଶ ପୁରୁଷ କିଏ ? ମୁଁ ଜାଣେ ପରା, ଆପଣଙ୍କ ଭିତରୁ ଅଧିକାଂଶଙ୍କର ଉତ୍ତର ହେବ 'ଗ'...ନୁହେଁ କି ?

ଏଇଠି ଟିକିଏ ରହିଯାଆନ୍ତୁ। ମୁଁ ସେମାନଙ୍କ ସହ ଆପଣଙ୍କ ପରିଚୟ କରେଇ ଦିଏ। ସେମାନେ ପରା ଇତିହାସର ଜଣେ ଜଣେ ମହାନନାୟକ। ତାଙ୍କୁ ଦୁନିଆ ଅନେକ ଆଗରୁ ଦେଖି ସାରିଛି ଓ ସମୟର କଷଟି ପଥରରେ ଘଷିମାଜି, ଭଲ ଖରାପର ତରାଜୁରେ ତଉଲି ସାରିଛି। ମୁଁ ଏଠି କହୁଛି 'କ' ଅର୍ଥାତ ଆମେରିକାର ୩୨ତମ ରାଷ୍ଟ୍ରପତି ଫ୍ରାଙ୍କଲିନ ଡି' ରୁଜଭେଲ୍ଟଙ୍କ କଥା। 'ଖ' ଜଣକ ହେଉଛନ୍ତି ନିଃସନ୍ଦେହରେ ଇଂଲଣ୍ଡର ସବୁଠାରୁ ଲୋକପ୍ରିୟ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରୁ ଜଣେ, ୱିନ୍‌ଷ୍ଟନ ଚର୍ଚ୍ଚିଲ୍। ଏ ଦୁଇ ଜଣଙ୍କୁ ଇତିହାସ ଅନେକ ପ୍ରଶଂସାରେ ପୋତିପକେଇଛି, ଉଚ୍ଚ ଆସନରେ ନେଇ ବସେଇଛି। ପୋଖତ ରାଜନେତା ଭାବରେ ଉଭୟ ନିଜ ନିଜ ସମୟର ଜଣେ ଜଣେ ଚର୍ଚ୍ଚିତ ଚେହେରା। ଅତୀତର ଆଇନାରେ କଳଙ୍କର କାଳିମା ସେମାନଙ୍କୁ ସ୍ପର୍ଶ ବି କରିପାରିନି।

ଏଥର ଜାଣନ୍ତୁ ସେଇ 'ଗ' ଜଣକ କିଏ ? ସେ ହେଉଛନ୍ତି ଆଧୁନିକ ପୃଥିବୀ ଇତିହାସର ସବୁଠାରୁ କ୍ରୁର, ଅତ୍ୟାଚାରୀ, ଅହଙ୍କାରୀ ଓ ଆତ୍ମଗର୍ବୀ ଶାସକ ମାନଙ୍କ ମଧ୍ୟରୁ ଜଣେ, ଆଡଲ୍ଫ ହିଟଲର। ଜର୍ମାନୀର ନେତୃତ୍ୱ ନେଇ ଦ୍ୱିତୀୟ ବିଶ୍ୱଯୁଦ୍ଧର ଘନଘଟା ମଧ୍ୟରେ ସାରା ପୃଥିବୀରେ ଆତଙ୍କ ଖେଳାଇଥିବା ଏବଂ ଜୀଉ ମାନଙ୍କର ଅନ୍ଧକୂପ ହତ୍ୟା ଭଳି ଭୟଙ୍କର ବିଭୀଷିକା ରଚିବାର ବିଚିତ୍ର ଜାନ୍ତବ କ୍ଷୁଧା ରଖୁଥିବା ସେଇ ହିଟଲର, ଯାହାକୁ ଇତିହାସ ସବୁବେଳେ ଏକ ଖଳନାୟକ ଆସନରେ ବସେଇଛି ।

ଏବେ ଥରେ ଚିନ୍ତା କରନ୍ତୁ ତ', 'କ', 'ଖ' ଓ 'ଗ' ନାମକ ମଣିଷ ମାନଙ୍କ ପ୍ରତି ଏହି ଆଲେଖ୍ୟର ଆରମ୍ଭରୁ ପଢ଼ି ଆସିଥିବା ଆପଣଙ୍କ ଧାରଣା ବଦଳି ଗଲା କି ନାହିଁ ? ପ୍ରଥମରୁ ଆପଣ କ'ଣ ଭାବିଥିଲେ କି, ମୁଁ ଏଇ ତିନିଜଣ ଐତିହାସିକ ଚରିତ୍ରଙ୍କର କଥା କହୁଛି ବୋଲି। ଯଦି ମୁଁ ସେମାନଙ୍କ ପ୍ରକୃତ ପରିଚୟ ଆପଣଙ୍କ ସାମ୍ନାରେ ଥୋଇ ନଥାନ୍ତି ବା ସେମାନଙ୍କ ଅସଲ ନାମ ନକହିଥାନ୍ତି ତେବେ କ'ଣ ସେହି ୩ ଜଣଙ୍କ ପ୍ରତି ଆପଣଙ୍କର ସେୟା ହିଁ ଧାରଣା ଥାଆନ୍ତା, ଯାହା ବର୍ତ୍ତମାନ ପରିଚୟ ପାଇସାରିଲା ପରେ ଅଛି। ଏହା କ'ଣ ସେମାନଙ୍କ ପରି ବ୍ୟକ୍ତିତ୍ୱ ପାଇଁ ଏକ ପରିଚୟର ସଙ୍କଟ ନୁହେଁ କି ? ମୁଁ ତ' କହିବି ସବୁରି ମୂଳରେ ରହିଛି ଆମ ଚିନ୍ତାଧାରା।

ମୋ କହିବାର ଅର୍ଥ ହେଉଛି ଆମେ ଅନେକ ସମୟରେ ବାହ୍ୟ ଆଡମ୍ବର ଓ ଶୁଣାକଥାକୁ ନେଇ ଜଣକ ବିଷୟରେ ଏକ ଦୃଷ୍ଟିଭଙ୍ଗୀ ତିଆରି କରିଦେଉ। ଜଣଙ୍କର ପ୍ରକୃତ ବ୍ୟକ୍ତିତ୍ୱକୁ ପରଖି ନପାରି ଆମେ ଯାହା ଶୁଣୁ ବା ଦେଖୁ, ତାକୁ ସତ ବୋଲି ମାନିନେଇ ଏକ କାଳ୍ପନିକ ଛବି ତିଆରି କରିଦେଉ। ଅତି ସରଳ ଭାବରେ କହିଲେ ଆମ ପାଇଁ ଯିଏ ଭଲ ବା ଆମ ସହ ଯିଏ ଭଲ ବ୍ୟବହାର କରିଛି (ହେଉ ପଛେ ଅଭିନୟ), ଆମର ଯିଏ କିଛି କ୍ଷତି କରିନାହିଁ (ହେଉ ପଛେ ତୁଚ୍ଛା ଛଳନା) ଆମେ ତାକୁ ଆଦର୍ଶ ଆସନରେ ବସେଇ ଥାଉ ବା ଆମ ନଜରରେ ସେ ଭଲ ହିଁ ହେଇ ରହିଥାଏ ।

ଆଉ ସେଇଠି, ଯଦି ସାମାନ୍ୟ ପାନରୁ ଚୁନ ଖସିଯାଏ ବା ଅକସ୍ମାତ ସାମାନ୍ୟ କିଛି ଅଘଟଣ ଘଟିଯାଏ ବା ଆମର କେହି ଅଜାଣତରେ ହେଉ ପଛେ ନଗଣ୍ୟତମ କ୍ଷତି କରିପକାଏ, ତା' ହେଲେ କଥା ସରିଗଲା ଓ ସେ ଆମ ନଜରରେ ପାଲଟି ଯାଏ, ଏ ସୃଷ୍ଟିର ସବୁଠାରୁ ବଡ଼ ବଦମାସ ମଣିଷ ନ ହେଲେ ତତ୍‌କ୍ଷଣାତ ସେ ଆମର ସବୁଠାରୁ ବଡ଼ ଶତ୍ରୁ ପାଲଟିଯାଏ। ଆମେ ଶୁଣାକଥାକୁ କାନରେ ପୂରେଇ ମୁଣ୍ଡକୁ ନେଇ ପୁଣି ସେଇଥିରୁ ଜଣଙ୍କର ଚରିତ୍ର ଚିତ୍ରଣ ମଧ୍ୟ କରୁ ଆମ ଇଚ୍ଛା ଅନୁସାରେ ।

ଯେ କେମିତିକା କଥା ଯେ ? କେବଳ ମଲାଟ ଦେଖି ବହି ବିଷୟରେ ପୂର୍ବାନୁମାନ କରିବା ଯାହା କିମ୍ବା ଟ୍ରେଲରଟିଏ ମାତ୍ର ଦେଖି ପୁରା ଚଳଚ୍ଚିତ୍ରଟିର ସାରମର୍ମ ଆକଳନ କରିବା ମଧ୍ୟ ଠିକ ସେୟା । ବଡ଼ବଡ଼ିଆ ସେଥିପାଇଁ କହିଯାଇଛନ୍ତି, ଚଟକରି ତରବରିଆ ଭାବେ କୌଣସି ନିଷ୍କର୍ଷରେ ପହଞ୍ଚିବ ନାହିଁ କି କୌଣସି ଶୁଣାକଥାକୁ ହଠାତ ବିଶ୍ୱାସ କରିବ ନାହିଁ। ଯେ ପର୍ଯ୍ୟନ୍ତ ନିଜେ ନ ଦେଖିଛ ବା କୌଣସି ବ୍ୟକ୍ତିଗତ ଅନୁଭୂତି ଓ ଅନୁଭବ ନାହିଁ, ତା'ହେଲେ କାହାରି ବ୍ୟକ୍ତିଗତ ଚରିତ୍ରକୁ ନେଇ ମନ ଭିତରେ ଛବିଟିଏ ତିଆରି କରନାହିଁ। ହେଇପାରେ ଆମେ ଶୁଣିଥିବା ବା ଦେଖିଥିବା ଚିତ୍ରଟି ଅସମ୍ପୂର୍ଣ୍ଣ ହୋଇ ପାରେ ବା ତା' ପଛରେ କିଛି ବାଧ୍ୟବାଧକତା ବା ଅକୁହା କାହାଣୀ ଛପି ରହିଥାଇପାରେ। ଜହ୍ନର ବି ଗୋଟେ ଅନ୍ଧାର ପାର୍ଶ୍ୱ ଅଛି, ଯାହା ଆମପାଇଁ ସବୁବେଳେ ଦୁର୍ବୋଧ୍ୟ।

ଚିନ୍ତାନାୟକ ମନୋଜ ଦାସଙ୍କ ଭାଷାରେ, ମଣିଷ କେବେ କାହାରିକୁ ଭଲ ପାଇପାରିବ ନାହିଁ। ସେ କ୍ଷମତା ମଣିଷର ନାହିଁ। ହଁ, ମଣିଷ ତାକୁହିଁ ଭଲପାଏ, ଯାହା ଭିତରେ ସେ ନିଜକୁ ଦେଖେ। ମଞ୍ଜି କଥାଟି ହେଉଛି, ମଣିଷକୁ ଚିହ୍ନିବା ଭାରି କଷ୍ଟ। ତେଣୁ ଯେପର୍ଯ୍ୟନ୍ତ ଆମେ ନିଜେ ସ୍ଥିର ନିଶ୍ଚିତ ନହୋଇଛନ୍ତି, ସେ ପର୍ଯ୍ୟନ୍ତ କାହାରି ପ୍ରତି ମନରେ ସାମାନ୍ୟତମ ଖରାପ ଧାରଣା ଆଣିବା ନାହିଁ । ସେଯାବତ୍ ସମସ୍ତେ ଆମ ନଜରରେ ଭଲ ହୋଇ ରହିଥାନ୍ତୁ। ସେଇ ଭଲ ମଣିଷ ମାନଙ୍କୁ ନେଇ ଆମ ଚାରିପାଖର ଦୁନିଆ ମଧୁମୟ ହୋଇ ରହିଥାଉ। ନାଁ କ'ଣ କହୁଛନ୍ତି..!!

ଛାଇ, ଜଗନ୍ନାଥ ବିହାର,
ଭଦ୍ରକ, ମୋ- ୭୦୦୮୬୦୧୧୬୧

# ସିନେମା: ସିଧାକଥା | କାରଣ ଖୋଜା ଚାଲିଛି !



ଓଡ଼ିଆ ସିନେମାକୁ ନେଇ ଅନେକ ଚର୍ଚ୍ଚା ଦେଖିବାକୁ ମିଳେ। କିଏ କହେ, ଆଗଭଳି ସିନେମା ନିର୍ମାଣ ହେଉନାହିଁ ତ ଆଉ କିଏ କହେ ସିନେମା ନାଁରେ ସିନେମା ତିଆରି ହେଉଛି। କପି-ପେଷ୍ଟରେ କାମ ଚାଲିଛି। ଅଳ୍ପ ବଜେଟ୍‌ରେ ହେଉଥିବା କାରଣରୁ ଭଲ ହେଉନାହିଁ କିମ୍ବା କାହାଣୀ, ସଂଳାପର ଦମ୍ ନାହିଁ...ଏଭଳି ଅନେକ କଥା ଶୁଣିବାକୁ ମିଳେ। ଓଡ଼ିଆ ସିନେମା ଭଲ ହେଉନାହିଁ ବୋଲି ଦର୍ଶକ ମୁହଁ ଫେରାଇ ନେଉଛନ୍ତି, ଏହା ଶତ ପ୍ରତିଶତ ଭୁଲ ହୋଇ ନପାରେ। ଅନେକ ଉଠାଣି ଗଡ଼ାଣି ଦେଇ ଓଡ଼ିଆ ସିନେମା ଗତି କରିଆସିଛି। ଅନେକ ହିଟ୍ ହୋଇଛି ତ ଅନେକ ଫ୍ଲପ୍ ବି ହୋଇଛି। ଏହାର କାରଣ ବି ଖୋଜା ଚାଲିଛି। ନିରାକରଣ ପାଇଁ ବି ଅନେକ ଅଣ୍ଟା ଭିଡ଼ିଛନ୍ତି। ପ୍ରକୃତ କାରଣ କଣ ତାହା ବି ଆଜିଯାଏ, ଅନାଲୋଚିତ ହୋଇ ରହିଯାଇଛି। ଏଥିପାଇଁ ପରସ୍ପର ମଧ୍ୟ କାଦୁଅ ଫିଙ୍ଗାଫିଙ୍ଗି, ଗୋଡ଼ ଟଣାଟଣି ଦେଖିବାକୁ ମିଳିଛି। କୋଭିଡ୍ ପରେ ପରେ କିଛି ଭଲ ଫିଲ୍ମ କରିବାକୁ ପ୍ରୟାସ ହୋଇଛି, କିଛି ସଫଳ ହୋଇଛି କିଛି ବି ବିଫଳ ହୋଇଛି।

ସୋସିଆଲ ମିଡ଼ିଆରେ ଯେଭଳି ଭାବରେ ପ୍ରମୋସନ୍ କରାଯାଉଛି, ସେଭଳି ଫିଲ୍ମରେ ଦେଖା ନଯିବା ମଧ୍ୟ କିଛି ଆରୋପ ପ୍ରତ୍ୟାରୋପ କରୁଛନ୍ତି। ବିଶେଷକରି ଓଡ଼ିଆ ଫିଲ୍ମକୁ ନେଇ ବୃତ୍ତି କରିବା ପାଇଁ କଳାକାର ମଧ୍ୟ ଆଜିକାଲି ସନ୍ଦିହାନ ହୋଇଗଲେଣି। କେହି କେହି ଫିଲ୍ମ, ସିରିଏଲ ଛାଡ଼ି ଯାତ୍ରାକୁ ମୁହାଁଇଲେଣି ତ ଆଉ କେହି କେହି ଅନ୍ୟ କୌଣସି ବୃତ୍ତିକୁ ଆପଣେଇଲେଣି। ସମୟ ଥିଲା ଓଡ଼ିଆ ଫିଲ୍ମ ଓ କଳାକାରଙ୍କୁ ନେଇ ଯେଉଁ କ୍ରେଜ୍ ଥିଲା, ତାହା ଆଜିକାଲି ସେମିତି ଦେଖିବାକୁ ମିଳୁନାହିଁ।

ଏମିତି କାରଣ ଖୋଜିବା ପଛରେ ବର୍ଷ ବର୍ଷ ବିତିଯାଇଥିଲେ ବି ପ୍ରକୃତ କାରଣ ଖୋଜାଯାଇପାରିନାହିଁ ବୋଲି ହୃଦ୍‌ବୋଧ ହୁଏ। ତା’ ହୋଇ ନଥିଲେ ଓଡ଼ିଶାରୁ କ୍ରମଶଃ ଫିଲ୍ମ ହଲ୍ ବନ୍ଦ ହୋଇଯିବା ଓ ମଲ୍ଟିପ୍ଲେକ୍ସରେ ଓଡ଼ିଆ ଫିଲ୍ମ ଚାଲିବାକୁ ନେଇ କୁଣ୍ଠା ପ୍ରକାଶ ପାଇବା ଭଳି ଅବସ୍ଥା ସୃଷ୍ଟି ହୋଇ ନଥାନ୍ତା। ଏହା ମଧ୍ୟରେ ଅନେକ ଓଡ଼ିଆ ଫିଲ୍ମ ବର୍ଷକୁ ବର୍ଷ ରିଲିଜ୍ ହେଉଛି, ଦୁଇ/ଚାରିଦିନ ପରେ ହଲ୍‌ରୁ ଉଭାନ ହୋଇଯିବା ପଛରେ ଓଡ଼ିଆ ଫିଲ୍ମର ଭାଗ୍ୟ ଜଳଜଳ ଦିଶୁଛି। ଓଡ଼ିଆ ଦର୍ଶକ ଅଧିକାଂଶ ଓଡ଼ିଆ ଫିଲ୍ମକୁ ନାଟ ଟେକିବା ଭଳି ଅବସ୍ଥା ସୃଷ୍ଟି ହେବା ପଛରେ



ପ୍ରକୃତ ଦାୟୀ କିଏ, ତାହା ବି ବୁଝିବା କଷ୍ଟ। ଓଡ଼ିଶାରେ ଅନେକ ବରିଷ୍ଠ କଳାକାର ତଥା ନବାଗତାଙ୍କ ସଂଖ୍ୟା କିଛି କମ୍ ନୁହେଁ। ଅନେକ ପ୍ରତିଭାବାନ କଳାକାର ଥାଉ ଥାଉ, ଓଡ଼ିଆ ଫିଲ୍ମ ଭଲ ହୋଇ ନପାରିବା ପଛରେ କେଉଁ ଉପାଦାନ ଫିଲ୍ମ ପାଇଁ କମ୍ ହେଉଛି, ଯେଉଁଥିପାଇଁ ଓଡ଼ିଆ ଫିଲ୍ମ ଦିଶାହରା ହୋଇଯାଉଛି, ତାହାର କାରଣ କିଏ ଖୋଜିବ ଓ କିଏ ଏହାର ପୂର୍ବସ୍ଥିତି ଫେରାଇ ଆଣିବ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଆ ମଞ୍ଚ ନାଟକ ଯେଭଳି କିଛି ନିର୍ଦ୍ଦିଷ୍ଟ ବୁଦ୍ଧିଜୀବୀଙ୍କ ପାଖରେ ଅଟକିଯାଇଛି, ଓଡ଼ିଆ ଫିଲ୍ମ ବି ସେମିତି କିଛି ଦର୍ଶକଙ୍କ ପାଖରେ ସୀମିତ ହୋଇଯାଇଛି। ଗାଁ ଗହଳିରେ ଯେଉମିତି କୌଣସି ପର୍ବପର୍ବାଣୀ ଆସିଲେ, କେଉଁ ଫିଲ୍ମ ଫ୍ଲୋରକୁ ଆସିଲବ, ଦର୍ଶକ ଅପେକ୍ଷା କରି ରହୁଥିଲେ। ସେଭଳି ଉତ୍ସାହ ଆଉ ଦେଖିବାକୁ ମିଳୁନାହିଁ। ଟିଭିରେ କି ମୋବାଇଲରେ ଲୋକେ ପୁରୁଣା କିମ୍ବା ଓଟିଟିରେ ରିଲିଜ୍ ହେଉଥିବା ଫିଲ୍ମ ଦେଖିବାକୁ ପସନ୍ଦ କରୁଛନ୍ତି, ଅତି ଭଲ ଫିଲ୍ମ ନହେଲେ ହଲ୍‌କୁ ଆସିବାକୁ ପସନ୍ଦ କରୁନାହାନ୍ତି। ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରୀରେ ଅନେକ ବରିଷ୍ଠ ତଥା ବୁଦ୍ଧିଜୀବୀ ଶ୍ରେଣୀୟ ବ୍ୟକ୍ତି ଥିଲେ ବି ଏହାର ସୁଧାର ଆସି ନପାରିବା ନିହାତି ଚିନ୍ତାଜନକ ବିଷୟ। ଏବେ ଦେଖିବାକୁ ମିଳୁଛି ଅନେକ ଫିଲ୍ମ ହଲ କଲ୍ୟାଣ ମଣ୍ଡପରେ ରୂପାନ୍ତିତ ହୋଇଛି। ଯେଉଁ କେତେକ ରହିଛି, ଦର୍ଶକ ହେଉ ନଥିବା କାରଣରୁ ତାହା ସବୁବେଳେ ଖୋଲୁନାହିଁ କି ଅତି ଭଲ ଫିଲ୍ମକୁ ଅପେକ୍ଷା କରିବାକୁ ପଡୁଛି। ଯଦି ଏହି ଅବସ୍ଥା ଲାଗିରହେ, ତେବେ ଭବିଷ୍ୟତରେ ଓଡ଼ିଆ ଫିଲ୍ମର ଅବସ୍ଥା କଣ ହେବ ?

ଏମିତି ଅନେକ କାରଣ ଅଛି, ଯାହାର କାରଣ ଖୋଜିବା କିମ୍ବା ନିରାକରଣ ପାଇଁ ଓଡ଼ିଶାର କଣ ବ୍ୟକ୍ତିତ୍ୱ ନାହାନ୍ତି, ଯେଉଁମାନେ କି ଓଡ଼ିଆ ଫିଲ୍ମକୁ ଅଧୋଗତିରୁ ଉଦ୍ଧାର କରିପାରିବେ ? ଓଡ଼ିଆ ସିନେପ୍ରେମୀ ଓ ବୁଦ୍ଧିଜୀବୀ କାହିଁକି ଆଗେଇ ଆସୁନାହାନ୍ତି, ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରୀକୁ ଆଗକୁ ନେବା ପାଇଁ ? ଓଡ଼ିଆ ସିନେମା ଇଣ୍ଡଷ୍ଟ୍ରୀ ପାଇଁ ପର୍ଯ୍ୟାପ୍ତ ସୁଯୋଗ ଓଡ଼ିଶାରେ ମଧ୍ୟ ରହିଛି। ଯୁଗପୋଯୋଗୀ ଓଡ଼ିଆ ସିନେମା ତିଆରି କରିବା ଓ ଡିଜିଟାଲ ମାଧ୍ୟମକୁ ଆପଣେଇ ବ୍ୟବସାୟୀକରଣ କରିବା ପାଇଁ ଯଦି ମୁଷ୍ଟିମେୟ ବ୍ୟକ୍ତିତ୍ୱ ଆଗେଇ ଆସନ୍ତେ, ଓଡ଼ିଆ ଫିଲ୍ମକୁ ଦର୍ଶକ ଆଉଥରେ ଆପଣେଇ ପାରନ୍ତେ ବୋଲି ବୁଦ୍ଧିଜୀବୀ କହୁଛନ୍ତି।

‘ନିତିଦିନ’ର ରବିବାର କ୍ରୋଡ଼ପତ୍ର ‘ନଜର’କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-
‘ନଜର’, ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com